

ଯେଉଁଦିନ କୌଣସି ଉଲ୍ଲେଖଯୋଗ୍ୟ କାମ ନ କଲ,
ସେଦିନଟି ତୁମର ନଷ୍ଟ ହୋଇଗଲା ବୋଲି ଜାଣ।
- ଆରିଷ୍ଟଟଲ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶିବାନନ୍ଦ ଶତବାର୍ଷିକୀ ବାଳକ ଉଚ୍ଚ ବିଦ୍ୟାଳୟର ୩୦ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟନ, ବିଦ୍ୟାଳୟ ପରିସର, ଚିଦାନନ୍ଦ ବିହାର, ଖଣ୍ଡଗିରି, ସକାଳ ୯ଟା ୩୦।
- ଓଡ଼ିଶା ବରିଷ୍ଠ ନାଗରିକ ମହାସଂଘର ଅଷ୍ଟମ ପ୍ରତିଷ୍ଠା ଦିବସ ପାଳନ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୦ଟା।
- ଅଲିଭା ଗ୍ରାମପଞ୍ଚାୟତ ମହିଳା ପ୍ରତିନିଧି ମହାସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ, ପାନ୍ଥନିବାସ କଳିଙ୍ଗ କନ୍‌ଭେନଶନ ହଲ୍, ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ପ୍ରବାସୀ ଦିବସ ପାଳନ, ହୋଟେଲ ସୂର୍ଯ୍ୟାଂଶ, ପୂର୍ବାହ୍ନ ୧୦ଟା।
- ଭଲ୍ୟୁଣ୍ଟାରୀ ହେଲ୍‌ଥ ଆସୋସିଏଶନ ଅଫ୍ ଇଣ୍ଡିଆ ପକ୍ଷରୁ ବାଲ୍ୟବିବାହ ଉପରେ ରାଜ୍ୟସ୍ତରୀୟ ଗଣମାଧ୍ୟମ ପରାମର୍ଶଭିତ୍ତିକ କର୍ମଶାଳା, ହୋଟେଲ ପ୍ରେସିଡେନ୍ସି, ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ମାଇନୋରିଟି ଏଲିଆନ୍ସ ପକ୍ଷରୁ ଶାନ୍ତି ଶୋଭାଯାତ୍ରା, ଲୋୟର୍ ପିଏମ୍‌ଜି ଛକ, ପୂର୍ବାହ୍ନ ୧୧ଟା।
- ଅଷ୍ଟମ ଏକାମ୍ର ପୁସ୍ତକ ମହୋତ୍ସବ, ଦୁର୍ଗାପୂଜା ପଡ଼ିଆ, ଡମଣା ଛକ, ଚନ୍ଦ୍ରଶେଖରପୁର, ଅପରାହ୍ନ ୨ଟାରୁ ରାତି ୯ଟା। ଚନ୍ଦ୍ରଶେଖରଙ୍କ ସାରସ୍ୱତ ଦିଗନ୍ତ, ସନ୍ଧ୍ୟା ୬ଟା।
- ସରକାରୀ ଉଚ୍ଚ ବିଦ୍ୟାଳୟ, ଭିଏସ୍‌ଏସ୍ ନଗରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ବିଦ୍ୟାଳୟ ପରିସର, ଅପରାହ୍ନ ୩ଟା।
- ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮ର ବାର୍ଷିକ ଉତ୍ସବ 'କୀର୍ତ୍ତ୍ୱାନି-୨୦୧୮', ସ୍କୁଲ ପରିସର, ଅପରାହ୍ନ ୪ଟା ୩୦।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁରର ସପ୍ତମ ବାର୍ଷିକ ଉତ୍ସବ, ବିଦ୍ୟାଳୟ ପରିସର, ଅପରାହ୍ନ ୫ଟା ୩୦।
- ଷ୍ଟିୱାର୍ଟ ସ୍କୁଲ, ଭୁବନେଶ୍ୱର ପକ୍ଷରୁ ଖ୍ରୀଷ୍ଟମାସ ଉତ୍ସବ, ସ୍କୁଲ ପରିସର, ୟୁନିଟ୍-୮, ସିଆର୍‌ପି ଛକ, ଅପରାହ୍ନ ୫ଟା ୩୦।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା।
- ଅଖିଳ ମୋହନ ଫାଉଣ୍ଡେଶନ ପକ୍ଷରୁ ଅଖିଳ ମୋହନ ପଟ୍ଟନାୟକଙ୍କ ଜୟନ୍ତୀ ଉତ୍ସବ ଓ ସାରସ୍ୱତ ସମାଗମ, କଳିଙ୍ଗ ସମ୍ମିଳନୀ କକ୍ଷ, ପାନ୍ଥନିବାସ, ସନ୍ଧ୍ୟା ୬ଟା।
- ଓଡ଼ିଶା ଆର୍ଟ ଆଣ୍ଡ କଲ୍‌ଚର ଫାଉଣ୍ଡେଶନ ପକ୍ଷରୁ ଧାରା ଶ୍ରୀରାଧା ମହୋତ୍ସବ-୨୦୧୮, ଭଞ୍ଜ କଳାମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ବାଲୁବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୫ତମ ବାର୍ଷିକ ଉତ୍ସବ, ଶହୀଦ ଭବନ, ଅପରାହ୍ନ ୫ଟା ୩୦।
- ଆଡ୍‌ଭୋକେଟ ପ୍ରଫୁଲ୍ଲ କୁମାର ଧଳଙ୍କ ୨୦ତମ ଶ୍ରାଦ୍ଧବାର୍ଷିକୀ, ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସମ୍ମିଳନୀ କକ୍ଷ, ସନ୍ଧ୍ୟା ୬ଟା ୩୦।

**ପୁରୀ**

- ସୁରଜ ମଲ୍ଲ ଶାହା କଲେଜ ବାର୍ଷିକ କ୍ରୀଡ଼ା, ଇନ୍‌ଡୋର ଷ୍ଟାଡିୟମ, ସକାଳ ୮ଟା।
- ସନ୍ତୋଷୀ ଇଂଲିଶ ମିଡିୟମ୍ ସ୍କୁଲ ବାର୍ଷିକ ଉତ୍ସବ, ସର୍ବୋଦୟ ନଗର, ଅପରାହ୍ନ ୫ଟା।
- ଶ୍ରୀକ୍ଷେତ୍ର ମହୋତ୍ସବ, ମୁକ୍ତାକାଶ ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

**ଖୋର୍ଦ୍ଧା**

- ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଓଡ଼ିଶା ରାଜ୍ୟ ପକ୍ଷରୁ ରୋଭର୍ ରେଞ୍ଜର୍ ସମାଗମ-୨୦୧୮, ଷ୍ଟେଟ୍ ଟ୍ରେନିଂ ସେଣ୍ଟର, ଖୋର୍ଦ୍ଧା ଶିଳ୍ପାଞ୍ଚଳ, ବରୁଣେଇ, ପୂର୍ବାହ୍ନ ୧୦ଟା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ହୋଟେଲରେ ମହିଳାଙ୍କୁ ହତ୍ୟା ମାମଲା

# ୪ ରାଜ୍ୟ ବୁଲିଲାଣି ପୋଲିସ, ହାତ ଖାଲି

- ପୋଲିସକୁ ଚକ୍‌ମା ଦେଉଛନ୍ତି ଅଭିଯୁକ୍ତ
- ମା'ବାପାଙ୍କୁ ହତ୍ୟା କରି ଆଜୀବନ ଜେଲ୍‌ଦଣ୍ଡ ଭୋଗୁଥିଲେ

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

ଗତ ଅଗଷ୍ଟ ୨୫ ତାରିଖରେ ମଞ୍ଚେଶ୍ୱର ଥାନା ଅଧୀନ ହୋଟେଲ ହାଇୱେ ଇନ୍‌ର ରୁମ ନମ୍ବର ୧୨୧ରେ ଲକ୍ଷ୍ମୀପ୍ରିୟା ବିଶ୍ୱାଳ ନାମ୍ନୀ ମହିଳାଙ୍କୁ ତାଙ୍କ ପୁରୁଷ ବନ୍ଧୁ ହତ୍ୟା କରି ଫେରାର ହୋଇଯାଇଥିଲେ। ଘଟଣାକୁ ସାଢ଼େ ୩ମାସରୁ ଊର୍ଦ୍ଧ୍ୱ ସମୟ ବିତିଲାଣି। ପୋଲିସ ଅଭିଯୁକ୍ତଙ୍କୁ ଧରିବା ଲାଗି ୪ଟି ରାଜ୍ୟ ବୁଲିଲାଣି। କିନ୍ତୁ ହାତ ଖାଲି। ପ୍ରତିଥର ଅଭିଯୁକ୍ତ ପୋଲିସକୁ ଚକ୍‌ମା ଦେଖାଇ ଖସିଯିବାରେ ସକ୍ଷମ ହେଉଛନ୍ତି। ଫଳରେ ପୋଲିସ ଘଟଣା ଉପରୁ ପରଦା ଉଠାଇବାରେ ବିଫଳ ହୋଇଛି।

କେନ୍ଦ୍ରାପଡା ପାଟକୁରା ଥାନା ଅଧୀନ ପଳାସୁଦାର ସାରଦା ପ୍ରସାଦ ସେଠୀ ଓରଫ ଲିଟୁ ଲକ୍ଷ୍ମୀପ୍ରିୟାଙ୍କ ହତ୍ୟାକାରୀ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଅଭିଯୁକ୍ତ ଲିଟୁ ପୂର୍ବରୁ ତାଙ୍କ ମା'ବାପାଙ୍କୁ ହତ୍ୟା କରି ଆଜୀବନ ଜେଲ୍‌ଦଣ୍ଡ ଭୋଗୁଥିଲେ। ତେବେ ୨୦୧୭ ନଭେମ୍ବର ୨୮ରେ ସେ ପାରୋଲରେ ଆସି ଫେରାର ହୋଇଯାଇଥିଲେ। ବର୍ତ୍ତମାନ ସୁଦ୍ଧା ଲକ୍ଷ୍ମୀପ୍ରିୟା ହତ୍ୟା ମାମଲାର ତଦନ୍ତ କରୁଥିବା ମଞ୍ଚେଶ୍ୱର ପୋଲିସ ପଞ୍ଜାବ, କର୍ନାଟକ, ପୁଡୁଚେରୀ, ଛତିଶଗଡ ଆଦି ରାଜ୍ୟରେ ଚଢ଼ାଉ କରିବା ସତ୍ତ୍ୱେ ଖାଲିହାତରେ ଫେରିଛି। ଅଭିଯୁକ୍ତ ବାରମ୍ବାର ଠିକଣା ବଦଳାଇବା ସହ ଚଢ଼ାଉ ସମ୍ପର୍କରେ ଆଗୁଆ ସୂଚନା ପାଇଁ ଫେରାର ହୋଇଯାଉଥିବାରୁ ତାଙ୍କୁ ଧରିବା ପୋଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି।

ଥାନା ଅଧିକାରୀ କେ.ପି. ମିଶ୍ର କହିଛନ୍ତି, ସ୍ୱାମୀଙ୍କ ସହ ମତାନ୍ତର ପରେ ଲକ୍ଷ୍ମୀପ୍ରିୟା ତାଙ୍କ ମା'ଙ୍କ ସହ ଅଲଗା ରହୁଥିଲେ। ଅଭିଯୁକ୍ତ ଲିଟୁ ଜେଲରୁ ପାରୋଲରେ ଆସି ଫେରାର ହୋଇଯାଇଥିବାବେଳେ ଖଣ୍ଡଗିରି ଅଞ୍ଚଳରେ ଲକ୍ଷ୍ମୀପ୍ରିୟାଙ୍କ ସଂସ୍ପର୍ଶରେ ଆସିଥିଲେ। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଲକ୍ଷ୍ମୀପ୍ରିୟା ଅନ୍ତଃସତ୍ତ୍ୱା ହେବା ପରେ ଲିଟୁଙ୍କୁ ବିବାହ କରିବାକୁ ଜିଦ କରିଥିଲେ, ଯାହାକୁ ନେଇ ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ଏହା ପରେ ଲିଟୁ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରିଥିଲେ। ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଧରିବା ଲାଗି ଜାଲ ବିଛାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୨୫ରେ ମଞ୍ଚେଶ୍ୱର ପୋଲିସ ହୋଟେଲ ହାଇୱେ ଇନ୍‌ରୁ ଲକ୍ଷ୍ମୀପ୍ରିୟାଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଜବତ କରିଥିଲା। ସେଠାରୁ ରକ୍ତଭିଜା କପଡା, ଲୁହାରଡ୍, ମୋବାଇଲ ଫୋନ ଏବଂ ଅଭିଯୁକ୍ତଙ୍କ ଆଧାର କାର୍ଡ ଜବତ ହୋଇଥିଲା। ଆଧାର କାର୍ଡରେ ଅଭିଯୁକ୍ତଙ୍କ ନାମ ଆଦିତ୍ୟ ମହାପାତ୍ର ବୋଲି ଉଲ୍ଲେଖ ରହିଥିଲା। କିନ୍ତୁ ଯାଞ୍ଚ ପରେ ତାହା ଜାଲ୍ ବୋଲି ଜଣାପଡ଼ିଥିଲା। ଜାଲ୍ ଆଧାରକାର୍ଡ ଜରିଆରେ ଅଭିଯୁକ୍ତ ପୋଲିସକୁ ଦ୍ୱନ୍ଦ୍ୱରେ ପକାଇ ଫେରାର ହୋଇଯିବାରେ ସମର୍ଥ ହୋଇଥିଲେ। ପରେ ତଦନ୍ତ ବେଳେ ଅଭିଯୁକ୍ତଙ୍କ ପ୍ରକୃତ ପରିଚୟ ମିଳିଥିଲା। ଏହାପରେ ତାଙ୍କ ଫଟୋକୁ ରାଜ୍ୟର ସମସ୍ତ ଥାନାକୁ ପଠାଇ ପୋଲିସ ତଦନ୍ତକୁ ଜୋରଦାର କରିଛି। ହେଲେ ପୋଲିସକୁ ତାଙ୍କ ପତ୍ତା ମିଳିପାରୁ ନାହିଁ।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ

## ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଯାଞ୍ଚ



ଭିଜିଲାନ୍ସ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

**କଟକ ଅଫିସ/ଖୋର୍ଦ୍ଧା ଅଫିସ୍,୧୭।୧୨**

କଟକ ଉଠା ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ବେହେରାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ଜାରି କରାଯାଇଥିବା ତଲାସି ୱାରେଣ୍ଟ ବଳରେ ଭିଜିଲାନ୍ସ ପକ୍ଷରୁ ସୋମବାର ଯନ୍ତ୍ରୀ ବେହେରାଙ୍କ ଘର, ଅଫିସ ପ୍ରଭୃତି ସ୍ଥାନରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ହୋଇଥିବା ସ୍ଥାନଗୁଡ଼ିକ ମଧ୍ୟରେ ବେହେରାଙ୍କ ଖୋର୍ଦ୍ଧା ହସ୍ପିଟାଲ ରୋଡ୍‌ଠାରେ ଥିବା ୪ ମହଲା ଆବାସିକ କୋଠା, ନୟାଗଡ଼ ଜିଲା ଚାନ୍ଦପୁର ଶାସ୍ତ୍ରୀନଗରଠାରେ ଥିବା ଘର ଓ କଟକ କାର୍ଯ୍ୟାଳୟକୁ ଏକକାଳୀନ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ମୋଟ ୧ କୋଟି ୪୧ ଲକ୍ଷ ୬୩ହଜାର ୫୧୭ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମସ୍ତ ସମ୍ପତ୍ତି ଯନ୍ତ୍ରୀ ବେହେରାଙ୍କ ସମେତ ତାଙ୍କ ପରିବାରବର୍ଗଙ୍କ ନାମରେ ଥିବା ଭିଜିଲାନ୍ସ ସୂଚନା ଦେଇଛି।



ଫଟୋ: ମୌସମ ନନ୍ଦ

ବାତ୍ୟା ପ୍ରଭାବରେ ମେଘୁଆ ପାଗ ସାଙ୍ଗକୁ ଶୀତୁଆ ସନ୍ଧ୍ୟାରେ ପ୍ରବଳ ଥଣ୍ଡା ଅନୁଭୂତ ହେବାରୁ ଭୁବନେଶ୍ୱର ୟୁନିଟ୍-୪ ଅଞ୍ଚଳରେ ଲୋକେ ନିଆଁ ପୋଉଁଛନ୍ତି।

## ବାର୍ଡ ଫ୍ଲୁ: ମରାଗଲାଣି ୭୩୧୫ କୁକୁଡ଼ା

### ସନ୍ଧ୍ୟାରେ ହିତାଧିକାରୀଙ୍କୁ ମିଳୁଛି କ୍ଷତିପୂରଣ

**କୃଷ୍ଣପ୍ରସାଦ,୧୭।୧୨(ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ବାର୍ଡ ଫ୍ଲୁ ଚିହ୍ନଟ ପରେ ୪ ଦିନ ହେଲା କୁକୁଡ଼ାମରା ଅଭିଯାନ ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ୭୩୧୫ କୁକୁଡ଼ା ମାରି ପୋତି ଦିଆଯାଇଛି। ଦାନା ଓ ଖାଦ୍ୟକୁ ମଧ୍ୟ ପୋତାଯାଇଛି। କୁକୁଡ଼ା ମାରିବା, ବିଶୋଧନ କରିବା ଓ ନୂଆ ସ୍ଥାନ ଚିହ୍ନଟ କରିବା ପାଇଁ ନିୟୋଜିତ ହୋଇଛନ୍ତି ୧୦ ଟିମ୍। ୧ମ ଦିନରେ ୩୧୯, ୨ୟ ଦିନରେ ୨୭୬ ଓ ୩ୟ ଦିନରେ ୩୬୩୦ଟି କୁକୁଡ଼ା ମରାଯାଇଛି। ୪ର୍ଥ ଦିନରେ ହୁଁଜଣ ଗାଁରେ ୯୫ କେଜି ଖାଦ୍ୟ ଓ ୩୦୧୦ଟି କୁକୁଡ଼ାକୁ ମାରି ପୋତି ଦିଆଯାଇଛି। ମାଲୁଦ ମୁସଲିମ୍ ବସ୍ତିରେ କେତେଜଣ ବ୍ୟକ୍ତି କୁକୁଡ଼ା ଦେବା ପାଇଁ ରାଜି ହେଉ ନ ଥିବା ବେଳେ ସରକାରୀ ଧାର୍ଯ୍ୟ ଦରରେ କ୍ଷତିପୂରଣ ମିଳିବା ପ୍ରତିଶ୍ରୁତି ପରେ ସେମାନେ ଦେଇଥିଲେ। ଉଲ୍ଲେଖଯୋଗ୍ୟ କି, ବାର୍ଡଫ୍ଲୁରେ ମରିଥିବା କିମ୍ବା କର୍ମଚାରୀ ଗୋଡ଼ାଇ ଧରିଥିବା କୁକୁଡାର କ୍ଷତିପୂରଣ ଦିଆଯାଏ ନାହିଁ। କୁକୁଡ଼ା ମାଲିକମାନେ ହିଁ ଏହି ସୂଚନା ଦେଇଥାନ୍ତି ଓ ସେମାନଙ୍କୁ ମରାଯିବା ପରେ କ୍ଷତିପୂରଣ ମିଳିଥାଏ। ବ୍ରାହ୍ମଣଦେଓ ଫାର୍ମରୁ ୩୬୦୦ ବ୍ରଏଲର ଓ ହୁଁଜଣର ଏକ ଫାର୍ମରୁ ୩୦୧୦ କୁକୁଡ଼ା ମରାଯାଇଛି। ଅପରାହ୍ନ ୪ଟା ସୁଦ୍ଧା କୁକୁଡ଼ା ମାରି ପୋତିବା ପରେ ସନ୍ଧ୍ୟାରେ ହିତାଧିକାରୀମାନଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଉଥିବା ପୁରୀ ସବ୍‌ଡିଭିଜନାଲ ମୁଖ୍ୟ ଚିକିତ୍ସକ ଅନିଲ କୁମାର ଦାଶ ଏବଂ କୃଷ୍ଣପ୍ରସାଦ ଡାକ୍ତରଖାନା ଚିକିତ୍ସକ ଦୟାନିଧି ବେହେରା ପ୍ରକାଶ କରିଛନ୍ତି।



## 'ସୈନିକ ସ୍କୁଲର ଅବଦାନ ଅବିସ୍ମରଣୀୟ'



**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

ଓଡ଼ିଶା ମାଇନିଂ କର୍ପୋରେସନ୍ (ଓଏମ୍‌ସି) ଓ ସୈନିକ ସ୍କୁଲର ମିଳିତ ସହଯୋଗରେ ରବିବାର ସକାଳେ ବିଜୁ ମାରାଥନ ଅନୁଷ୍ଠିତ ହୋଇଯାଇଛି। ଭାରତର ପ୍ରାକ୍ତନ ହକି କୋଚ କର୍ଣ୍ଣେଲ ବଲବୀର ସିଂ କୁଲାର, ଭିଏସ୍‌ଏମ ସୈନିକ ସ୍କୁଲର ଅଧ୍ୟକ୍ଷ କ୍ୟାପ୍ଟେନ୍ କଞ୍ଚନ ମୁଖାର୍ଜୀ, ପୁରାତନ ଛାତ୍ର ସଂସଦର ସଭାପତି ପ୍ରିତୀଶ ବାସା, ସମ୍ପାଦକ ଅମିତାଭ ସ୍ୱାଇଁ ଓ ଓଡ଼ିଆ ଫିଲ୍ମ ଅଭିନେତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ପତାକା ହଲାଇ ମାରାଥନକୁ ଶୁଭାରମ୍ଭ କରିଥିଲେ। ଏହି ମାରାଥନ ସୈନିକ ସ୍କୁଲରୁ ଆରମ୍ଭ ହୋଇ ପ୍ରେସ୍ ଛକ, ସପ୍ତମ ବାଟାଲିୟନ୍, କଳିଙ୍ଗ ହସ୍ପିଟାଲ ଛକ, ଜନତା ମଇଦାନ ଜୟଦେବ ବିହାର ଓ ଆଚାର୍ଯ୍ୟବିହାର ଦେଇ ସୈନିକ ସ୍କୁଲ ନିକଟରେ ଶେଷ ହୋଇଥିଲା। ଏକ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ଛାତ୍ରମାନଙ୍କ ମଧ୍ୟରେ ସୈନିକ ସ୍କୁଲର କ୍ୟାଡେଟ୍ ରବିକୁମାର ପ୍ରଥମ ହୋଇଥିବା ବେଳେ ଜୀବନ ଦେହୁରୀ ଦ୍ୱିତୀୟ ଓ ଶଶି କୁମାର ତୃତୀୟ ହୋଇଥିଲେ। ପ୍ରତିଯୋଗିତାରେ ବିଜୟୀ ହୋଇଥିବା ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ରାଜ୍ୟପାଳ ଗଣେଶୀ ଲାଲ ଅର୍ଥରାଶୀ ସହ ସାର୍ଟିଫିକେଟ ଦେଇ ପୁରସ୍କୃତ କରିଥିଲେ। ପୁରାତନ ଛାତ୍ର ସଂସଦର ଉପସଭାପତି ଆଇଏଏସ୍ ମଧୁସୁଦନ ପାଢି, ସାଧାରଣ ସମ୍ପାଦକ ସ୍ୱାଇଁ, ଅଶୋକ ନନ୍ଦ, ଇଂ ଦିଲ୍ଲୀପ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ।

## ଶାସନ କ୍ଷେତ୍ରରେ ସଂସ୍କାର ଭଞ୍ଜଦେଓଙ୍କ ଅମୂଲ୍ୟ ଅବଦାନ

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

### ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ




ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ମନ୍ତ୍ରୀ ଅନନ୍ତ ଦାସ ଏବଂ ଅନ୍ୟ ଅତିଥିମାନେ ।

ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ, ଚରିତ୍ର, ସ୍ୱଭାବ ଶୁଦ୍ଧତା ଓ ପରୋପକାର ତାଙ୍କୁ ଯଶସ୍ୱୀ କରିଥାଏ। ସେହି ଯଶସ୍ୱୀ ପୁରୁଷମାନଙ୍କ ମଧ୍ୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଥିଲେ ଅନ୍ୟତମ। ଅଳ୍ପ ବର୍ଷର ଜୀବଦ୍ଦଶାରେ ମାତୃଭୂମି ପ୍ରତି ମମତା ଓ ଅବଦାନ ପ୍ରକଟ କରି ସେ ଉଜ୍ଜ୍ୱଳ ଦୃଷ୍ଟାନ୍ତରେ ପରିଣତ ହୋଇଛନ୍ତି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ମୟୂରଭଞ୍ଜ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଆୟୋଜିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅବସରରେ ମନ୍ତ୍ରୀ ମୁଖ୍ୟଅତିଥି ରୂପେ ଯୋଗଦେଇ କହିଛନ୍ତି, ଶାସନ ବ୍ୟବସ୍ଥା ଓ ଲୋକକଲ୍ୟାଣ କାର୍ଯ୍ୟକ୍ରମର ସଫଳ ରୂପାୟନରେ ତାଙ୍କର ଅସାଧାରଣ ଦକ୍ଷତା ଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ଏବଂ ଶାସନ କ୍ଷେତ୍ରରେ ସଂସ୍କାର ତାଙ୍କର ଅମୂଲ୍ୟ ଅବଦାନ ବୋଲି ମନ୍ତ୍ରୀ କହିଛନ୍ତି।

ସୋମବାର ସୂଚନା ଭବନଠାରେ ଆୟୋଜିତ ଏହି ସମାରୋହରେ ବିଧାୟକ ପ୍ରବୀଣ କୁମାର ଭଞ୍ଜଦେଓ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଲେ, ପ୍ରଶାସନିକ ସଂସ୍କାର ଓ ଜନସେବାମୂଳକ କାର୍ଯ୍ୟକ୍ରମରେ ସେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ଜଳସେଚନ ଓ ବିଦ୍ୟୁତ ଉତ୍ପାଦନ ପାଇଁ ଜଳଭଣ୍ଡାର ନିର୍ମାଣ କରିବା, 'ସିଦ୍ଧାନ୍ତ ଦର୍ପଣ'କୁ ଲୋକଲୋଚନକୁ ଆଣିବା ପରି କାର୍ଯ୍ୟ ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱର ପରିଚୟ ଦିଏ ବୋଲି ପ୍ରବୀଣ କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ତାଙ୍କ ସମୟରେ ପ୍ରଶାସନିକ ସଂସ୍କାର ଓ ଜନସେବାମୂଳକ କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ ବୋଲି କହିଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗ ନିର୍ଦ୍ଦେଶକ ଲକ୍ଷ୍ମୀଧର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉପଲକ୍ଷେ ବିଭାଗ ପକ୍ଷରୁ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମୟୂରଭଞ୍ଜ ସାଂସ୍କୃତିକ ସଂସଦର ସମ୍ପାଦକ ଡ. ରଜନୀକାନ୍ତ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନା ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ସମାରୋହରେ ଭୈରବୀ ସଙ୍ଗୀତ ମୂର୍ଚ୍ଛନା ପକ୍ଷରୁ ଦେଶାତ୍ମବୋଧକ ସଙ୍ଗୀତ ଓ ଭଜନ ପରିବେଷଣ କରାଯାଇଥିଲା।

## ଫଟୋରେ ଖବର



ରାଜସ୍ୱ ବିଭାଗ ସାଂସ୍କୃତିକ ସଂଗଠନର ବାର୍ଷିକ ଉତ୍ସବ ଅବସରରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ସୋମବାର ମଞ୍ଚସ୍ଥ ନାଟକ 'ଲୁହ ଭିଜା ଲଭ୍‌ଷ୍ଟୋରୀ'ର ଏକ ଦୃଶ୍ୟ।



ଭାରତୀୟ ବିଦ୍ୟାଭବନଠାରେ ଭାରତୀୟ ବିଦ୍ୟାଭବନ ଏବଂ ଇନ୍‌ଫୋସିସ୍ ଫାଉଣ୍ଡେଶନ ପକ୍ଷରୁ ସୋମବାର ଅନୁଷ୍ଠିତ ଆଉଟ୍‌ରିଚ୍ ସାଂସ୍କୃତିକ ସନ୍ଧ୍ୟାରେ ପରିବେଷିତ ଛଉ ନୃତ୍ୟ।



୬ ମାସ ପରିବର୍ତ୍ତେ ୧୨ ମାସ କାର୍ଯ୍ୟ ଏବଂ ସ୍ଥାୟୀ ନିଯୁକ୍ତି ଦାବିରେ ଅସ୍ଥାୟୀ ଲଞ୍ଚ ଡ୍ରାଇଭର ଓ ଖଲାସି ମହାସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ସୋମବାର ଅଭିନବ ବିକ୍ଷୋଭ ପ୍ରଦର୍ଶନ।



ଅହଂକାରୀ ଲୋକ ଅନ୍ୟର ପରାମର୍ଶ ଗ୍ରହଣ କରେନାହିଁ। କାରଣ ସେ ସବୁକିଛି ଜାଣିଛି ବୋଲି ଧରିନେଇଥାଏ।
- ସକ୍ରେଟିସ



## ସଂକ୍ଷେପରେ

### ଶିଶୁ ଅନନ୍ତ ପୁରସ୍କାର ଘୋଷଣା

**ବାଲିପାଟଣା,୧୭।୧୨(ଡି.ଏନ୍.ଏ.):** ସାହିତ୍ୟ ଏକାଡେମୀ ଓ ଶିଶୁ ଅନନ୍ତ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଚଳିତବର୍ଷ ପଞ୍ଚସଖା ଶିଶୁ ଅନନ୍ତ ଦାଶଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଡିସେମ୍ବର ୨୧ରେ ତାଙ୍କ ଜନ୍ମସ୍ଥାନ ବାଲିପାଟଣାସ୍ଥିତ ଶିଶୁ ଅନନ୍ତଠାରେ ପାଳିତ ହେବ। ଆଧ୍ୟାତ୍ମିକବାଦୀ ଲେଖକ ଶିଶୁ ଅନନ୍ତଙ୍କ ହେତୁ ଉଦୟ ଭାଗବତ ପରି ଅନେକ ଉପାଦେୟ ଗ୍ରନ୍ଥର ରଚୟିତା ମହାପୁରୁଷଙ୍କ ନାମରେ ଦୁଇଜଣ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବ। ପଞ୍ଚାସଖା ପୀଠ ଧାନକୁଦ ମଠର ମରାଧୀସ ବାବା ଶ୍ରୀଅରକ୍ଷିତ ଦାସ ଓ ଖବରଦାତା ଶ୍ରୀପତି ବିଶ୍ୱାଳଙ୍କୁ ଉକ୍ତ ଦିବସରେ ସମ୍ମାନିତ କରିବା ସହ ପୁରସ୍କାର ଦିଆଯିବ ବୋଲି ଶିଶୁ ଅନନ୍ତ ଟ୍ରଷ୍ଟର ଟ୍ରଷ୍ଟି ତନୟା ଦାସ ଗୋସ୍ୱାମୀ କହିଛନ୍ତି।

### ପ୍ରତାପଶାସନରେ ପିଠା କାର୍ଯ୍ୟକ୍ରମ

**ବାଲକାଟୀ,୧୭।୧୨(ଡି.ଏନ୍.ଏ.):** ବାଲିଅନ୍ତା ବ୍ଲକ ପ୍ରତାପଶାସନ ପଞ୍ଚାୟତର ଜ୍ଞାନଦେବୀ କଲ୍ୟାଣ ମଣ୍ଡପଠାରେ ପିଠା କାର୍ଯ୍ୟକ୍ରମ ହୋଇଯାଇଛି। ବିଡିଓ ରଶ୍ମିରେଖା ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ସୁଦୂରପ୍ରସାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସଚେତନତା କରାଇଥିଲେ। ସରପଞ୍ଚ ଭାଗ୍ୟଧର ନନ୍ଦୀ, ଜିଲା ପରିଷଦ ସଭ୍ୟ ଅମରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସମିତିସଭ୍ୟା ନୟନା ବେହେରା, ବାଲିଅନ୍ତା ସରପଞ୍ଚ ପ୍ରଶାନ୍ତ ସାହୁ, ମାନସ ନାୟକ, ବ୍ଲକ ବିଜେଡି ସଭାପତି ଅଚ୍ୟୁତାନନ୍ଦ ପାତ୍ର ଉପସ୍ଥିତ ଥିଲେ।

### ୨୩ରେ ଦ୍ୱାଦଶ ଯୋଗିନୀ ମହୋତ୍ସବ

**ବାଲକାଟୀ,୧୭।୧୨(ଡି.ଏନ୍.ଏ.):** ଆସନ୍ତା ୨୩ତାରିଖରୁ ବାଲକାଟୀ ନିକଟସ୍ଥ ହୀରାପୁର ଗ୍ରାମର ତନ୍ତ୍ରପୀଠ ମହାମାୟା ଚଉଷଠି ଯୋଗିନୀଙ୍କ ପୀଠରେ ନୃତ୍ୟ ପ୍ରତିଭା ଅନୁଷ୍ଠାନ ଓ ବାଲିଅନ୍ତା ପଞ୍ଚାୟତ ସମିତି ଆନୁକୂଲ୍ୟରେ ଦ୍ୱାଦଶ ଯୋଗିନୀ ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଖୋର୍ଦ୍ଧା ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଶେଷ ପ୍ରସ୍ତୁତି ବୈଠକ ଭୁବନେଶ୍ୱର ସର୍କିଟ ହାଉସଠାରେ ଅନୁଷ୍ଠିତ ହୋଇଛି। ବୈଠକରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଏଡିଏମ ଅରୁଣ ବେହେରା, ଉପଜିଲାପାଳ ଶୁଭେନ୍ଦୁ ସାହୁ, ପିଡିଡିଆରଡିଏ ଖୋର୍ଦ୍ଧା ସରୋଜ ମିଶ୍ର, ବାଲିଅନ୍ତା ତହସିଲଦାର ଅକ୍ଷୟ ରାଉତ, ନୃତ୍ୟ ପ୍ରତିଭାର ସମ୍ପାଦିକା ପ୍ରତିଭା ପଣ୍ଡା ଉପସ୍ଥିତ ଥିଲେ। ମହୋତ୍ସବରେ ଗୁରୁ ଦୁର୍ଗାଚରଣ ରଣବୀରଙ୍କୁ ନୃତ୍ୟ ପ୍ରତିଭା ସମ୍ମାନ ସହ ମନୋଜ ପଟ୍ଟନାୟକ, ତାନସେନ ସିଂ, ପଣ୍ଡିତ ହରିପ୍ରସାଦ ଚଉରାସି, ମାନସ ରଞ୍ଜନ ଜେନା ଓ ଡ.ହରପ୍ରସାଦ ପରିଚ୍ଛା ପଟ୍ଟନାୟକଙ୍କୁ ସମ୍ମାନିତ କରାଯିବ।

# ବଟି ନ ଦେବାରୁ ତାଲା ପକାଇ ଘରୁ ତଡ଼ିଦେଲେ

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

## ବାହାରେ ପଡ଼ି ରହିଛନ୍ତି ୪ ପରିବାର

ବଟି ଆଦାୟକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ ଡିଜି ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ପୋଲିସ ଅଭିଯୋଗକାରୀଙ୍କ ଅଭିଯୋଗକୁ କର୍ଣ୍ଣପାତ କରୁନାହିଁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନୟାପଲ୍ଲୀ ଥାନା ଏକାମ୍ରବିହାର ଅଞ୍ଚଳରେ। ଏକ କମିଟିର ଯୁବକମାନେ ବଟି ପାଇଁ ଗୁଣ୍ଡାଗର୍ଦ୍ଦି କରି ୪ ପରିବାରଙ୍କୁ ଘରୁ ବାହାର କରିଦେଇ ତାଲା ପକାଇ ଦେଇଛନ୍ତି। ଉକ୍ତ ପରିବାରଙ୍କ ସମସ୍ତ ଆସବାବପତ୍ର ବାହାରକୁ ଫିଙ୍ଗି ଦେଇଛନ୍ତି। ଏ ନେଇ ସୀତା ସେଠୀ, ସବିତା ସାହୁ ଓ ଅନ୍ୟ ୨ ପରିବାର ପକ୍ଷରୁ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସ ସେଥିପ୍ରତି ଗୁରୁତ୍ୱ ଦେଇନାହିଁ। ଫଳରେ ବର୍ଷା ଓ ଶୀତରେ ୪ଟି ପରିବାର ଅଟୋ ଷ୍ଟାଣ୍ଡ ଓ ଦୋକାନ ତଳେ ରହୁଛନ୍ତି।

ସୂଚନା ଅନୁଯାୟୀ, ନୟାପଲ୍ଲୀ ଏକାମ୍ରବିହାରରେ ସୀତା ସେଠୀ ଓ ସବିତା ୨୨ବର୍ଷ ହେବ ରହି ଆସୁଛନ୍ତି। ହେଲେ ଉକ୍ତ କମିଟିର କେତେଜଣ ଯୁବକ ଆସି ସୀତାଙ୍କୁ ୨ ଲକ୍ଷ ଟଙ୍କା ବଟି ମାଗିଥିଲେ। ସୀତା ଗରିବ ହୋଇଥିବାରୁ ସେ ଟଙ୍କା ଦେଇପାରିବେ ନାହିଁ ବୋଲି କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଉକ୍ତ ଯୁବକମାନେ ଗତ ଶନିବାର ରାତିରେ ସୀତାଙ୍କ ଘର ଭିତରେ ଜୋରଜବରଦସ୍ତି ପଶିଥିଲେ। ଘରର ସମସ୍ତ ଆସବାବପତ୍ରକୁ ବାହାରକୁ ଫିଙ୍ଗି ଦେଇଥିଲେ। ସୀତା ବିରୋଧ କରିବାରୁ ଉକ୍ତ ଯୁବକମାନେ ତାଙ୍କୁ ମାଡ ମାରିଥିଲେ। ଶେଷରେ ସେମାନେ ତାଙ୍କୁ ଘରୁ ବାହାର କରିଦେଇ ତାଲା ପକାଇ ଦେଇଥିଲେ। ରାତି ଅଧରେ ସୀତା ଓ ତାଙ୍କ ପରିବାର ସଦସ୍ୟ ଥାନାକୁ ଆସିଥିଲେ ମଧ୍ୟ ପୋଲିସ ସେମାନଙ୍କ କଥା ଶୁଣି ନ ଥିଲା। ରାତିରେ ସେମାନେ ଖୋଲା ଆକାଶ ତଳେ ଶୋଇଥିଲେ। ଅନୁରୂପ ଭାବେ ଉକ୍ତ ଯୁବକମାନେ ସବିତା ଏବଂ ଅନ୍ୟ ୨ ପରିବାର ସଦସ୍ୟଙ୍କୁ ଆକ୍ରମଣ କରି ଘରୁ ବାହାର କରିଦେଇଥିବା ଅଭିଯୋଗ ହୋଇଛି।

ଏ ନେଇ ନୟାପଲୀ ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ କହିଛନ୍ତି, ଉକ୍ତ କମିଟି ସେମାନଙ୍କୁ ଘର ଭଡା ଦେଇଥିବା କହିଛି। ଅନ୍ୟପଟେ ଅଭିଯୋଗ କରିଥିବା ମହିଳା କହୁଛନ୍ତି ଯେ ସେମାନେ ଉକ୍ତ ଘରକୁ କିଣିଛନ୍ତି। ତେଣୁ ଏହାର ତଦନ୍ତ କରୁଛି। ତଦନ୍ତ ପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ଅବସରରେ ସୋମବାର ଉତ୍କଳ ସମ୍ମିଳନୀ ପକ୍ଷରୁ ଭୁବନେଶ୍ୱର ପାୱାର୍ ହାଉସ୍ ଛକସ୍ଥିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି।

# ନନ୍ଦନକାନନ ଜଙ୍ଗଲରେ ବୁଲୁଛନ୍ତି ଚନ୍ଦକା ହାତୀ

**ବାରଙ୍ଗ,୧୭।୧୨(ଡି.ଏନ୍.ଏ.)**

କିଛିଦିନର ବ୍ୟବଧାନ ପରେ ନନ୍ଦନକାନନରେ ପୁଣି ବୁଲୁଛନ୍ତି ଚନ୍ଦକା ଜଙ୍ଗଲର ୫ଟି ହାତୀ। ରବିବାର ବିଳମ୍ବିତ ରାତିରେ ଏହି ହାତୀପଲ କଂସେଇଖାନାର ପଛପଟ ନନ୍ଦନକାନନର ୧୦ଫୁଟ ଚଉଡାର ସୁରକ୍ଷା ପ୍ରାଚୀର ଭାଙ୍ଗି ଭିତରକୁ ପଶିଛନ୍ତି। ଏହି ହାତୀପଲ ଦ୍ୱାରା ନନ୍ଦନକାନନର କ୍ଷୟକ୍ଷତି ହୋଇ ନ ଥିବାବେଳେ ହାତୀଶାଳ ପାଇଁ ରହିଛି ବିପଦ। କାରଣ ଏହାପୂର୍ବରୁ ଚନ୍ଦକା ଜଙ୍ଗଲରୁ ଆସିଥିବା ହାତୀମାନେ ହାତୀଶାଳକୁ ଆସିଯାଇ ଥିବାରୁ ବନ୍ଧାହୋଇଥିବା ହାତୀ କ୍ଷତାକ୍ତ ହୋଇଥିଲେ। ସୋମବାର ସକାଳେ ନନ୍ଦନକାନନ କର୍ତ୍ତୃପକ୍ଷ ହାତୀ ପଶିଥିବା ଘଟଣା ସମ୍ପର୍କରେ ଜାଣିବା ପରେ କର୍ମଚାରୀମାନେ ବିଭିନ୍ନ ଏନକ୍ଲୋଜର ପଛପଟ ଜଙ୍ଗଲରେ ଖୋଜାଖୋଜି କରିଥିଲେ। ଦ୍ୱିପ୍ରହରରେ ହମିରାଟାଙ୍ଗିରେ ୫ଟି ହାତୀ ଥିବାର ଜଣାପଡ଼ିବାରୁ ହାତୀ ଘଉଡାଇବା ପାଇଁ ଉଦ୍ୟମ କରାଗଲା। ବାଜା ବଜାଇବା ସହ ବାଣ ଫୁଟାଇବାରୁ ହମିରାଟାଙ୍ଗିରୁ କଂସେଇଖାନା ପଛପଟ ଜଙ୍ଗଲକୁ ଏହି ହାତୀପଲ ଆସିଥିଲେ। ପରେ ହାତୀ ଘଉଡାଇବା ପାଇଁ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ କର୍ତ୍ତୃପକ୍ଷଙ୍କ ସହାୟତା ନିଆଯାଇଥିଲା। ଫଳରେ ଚନ୍ଦକାରୁ ଏକ ଟିମ୍ ଆସି ପହଞ୍ଚିବାବେଳେ ସନ୍ଧ୍ୟା ହୋଇଯାଇଥିବାରୁ ସେତେବେଳେ ହାତୀ ସବୁ ଫେରିଯାଇଥିଲେ। ଘଉଡାଇବା ଅଭିଯାନ ବନ୍ଦ ରହିଥିଲା। ବିଶେଷକରି ହାତୀଶାଳ ପ୍ରତି ବିପଦ ଥିବାରୁ କର୍ମଚାରୀମାନେ ରାତି ଉଜାଗର ରହି ହାତୀଶାଳ ସମେତ ନିକଟସ୍ଥ ଏନକ୍ଲୋଜର ସାମ୍ନାରେ ସଜାଗ ହୋଇ ପହରା ଦେବାର ବ୍ୟବସ୍ଥା କରାଯାଇଛି।



ହାତୀ ଭାଙ୍ଗିଦେଇଥିବା ପାଚେରି।

### ଅନଶନରେ ବସିବେ ଟେମ୍ପୋରାରି ଷ୍ଟାଟସ୍ କର୍ମଚାରୀ

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

ଜଙ୍ଗଲ ବିଭାଗ ଅଧୀନରେ ୨୫ରୁ ୩୦ ବର୍ଷ ଧରି ଅସ୍ଥାୟୀ ଭାବେ କାର୍ଯ୍ୟ କରି ଆସୁଥିବା ୫୨୪କର୍ମଚାରୀଙ୍କୁ ଆର୍ଥିକ ସୁବିଧାରୁ ବଞ୍ଚିତ କରାଯାଉଛି। ତେଣୁ ୧୯ତାରିଖରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ସରକାରୀ ବାସଭବନ ସମ୍ମୁଖରେ କର୍ମଚାରୀଙ୍କ ନ୍ୟାଯ୍ୟ ଦାବି ହାସଲ ହେବା ପର୍ଯ୍ୟନ୍ତ ଅନଶନରେ ବସିବେ ବୋଲି ଓଡ଼ିଶା ବନ ଟିଏସ୍ ଗ୍ରୁପ୍ 'ଡି'/ 'ସି' ସରକାରୀ କର୍ମଚାରୀ ସଂଘ ସଭାପତି ବଳଭଦ୍ର ସ୍ୱାଇଁ କହିଛନ୍ତି। ଟେମ୍ପୋରାରି ଷ୍ଟାଟସ୍ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ଦିଆ ନ ଯାଇ ଡିଏଲ୍ଆର ଭାବେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେଇଛନ୍ତି। ୭ମ ବେତନ କମିଶନରେ ପେ' ମାଟ୍ରିକ୍ସର ସର୍ବନିମ୍ନ ମୂଳ ଦରମା ୧୬,୬୦୦ଟଙ୍କାକୁ ବାଦ୍ ଦେଇ ଠିକା କର୍ମଚାରୀଙ୍କ କ୍ଷେତ୍ରରେ ଉଦ୍ଦିଷ୍ଟ ଦରମା ୮,୦୭୦ଟଙ୍କା ପ୍ରଦାନ କରାଯାଇଥିବା ସଂଘ ଅଭିଯୋଗ କରିଛି।

# ଆଜି ଭୁବନେଶ୍ୱର ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

ବିଭିନ୍ନ ଦାବି ନେଇ ଭୁବନେଶ୍ୱର ଓକିଲ ସଂଘ ମଙ୍ଗଳବାର କାର୍ଯ୍ୟବନ୍ଦ ଆନ୍ଦୋଳନର ଡାକରା ଦେଇଛି। ସୋମବାର ଭୁବନେଶ୍ୱର ଓକିଲ ସଂଘ ସଭାପତି ଦୁର୍ଗାମାଧବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଓକିଲମାନଙ୍କ ବିଭିନ୍ନ ଦାବି ପୂରଣ ପାଇଁ ଅନେକ ସମୟରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସେ ଦିଗରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏହାକୁ ନେଇ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଭୁବନେଶ୍ୱର କୋର୍ଟରେ ୧ ଲକ୍ଷ ୨୦ ହଜାରରୁ ଊର୍ଦ୍ଧ୍ୱ ମାମଲା ଫଇସଲା ନ ହୋଇ ପଡିରହିଛି। ଏପରି ସ୍ଥିତିରେ ବିଭିନ୍ନ ଆଳ ଦେଖାଇ ଏଠାରେ କାର୍ଯ୍ୟରତ ବିଚାରପତିଙ୍କୁ ଅନ୍ୟତ୍ର ସର୍କିଟ କୋର୍ଟ ମାଧ୍ୟମରେ ସ୍ଥାନାନ୍ତରିତ କରିବା ଏବଂ ଭୁବନେଶ୍ୱର ଅଞ୍ଚଳର ମାମଲା ଭୁବନେଶ୍ୱର କୋର୍ଟକୁ ନ ଆସିବାରୁ ଓକିଲ ସଂଘ ବିରୋଧ କରିଛି। ସେହିପରି ତୁରନ୍ତ ଜୁଡିସିଆଲ କମ୍ପ୍ଲେକ୍ସ କାର୍ଯ୍ୟ ଆରମ୍ଭ କରିବା, ସ୍ଥାୟୀ ଜିଲା୍ଜଜ୍ ପଦବୀ ପୂରଣ କରିବାକୁ ସଂଘ ଦାବି କରିଛି। ସଂଘକୁ ନ ଜଣାଇ ଭିଜିଲାନ୍ସ କୋର୍ଟ ପୁରୀ ସ୍ଥାନାନ୍ତର କରିବା ଏବଂ ସଂଘ ସହ ଆଲୋଚନା ନ କରି କୋର୍ଟ ତାରିଖ ପୁରୀରେ ଧାର୍ଯ୍ୟ କରିବାକୁ ସଂଘ ବିରୋଧ କରିଛି।

ସଂଘ ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଘ ସମ୍ପାଦକ ଅଞ୍ଜନ କୁମାର ସାମନ୍ତରାୟ କହିଛନ୍ତି। ବୈଠକରେ ଉପସଭାପତି ଅଶୋକ କୁମାର ବେହେରା, ଯୁଗ୍ମ ସମ୍ପାଦକ ଅତୁଲ୍ୟ ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଦେବୀ ମିଶ୍ର, ସହ ସମ୍ପାଦକ ଭାଗ୍ୟବତୀ ରାଉତରାୟ, ଦୀପ୍ତି ପ୍ରସାଦ ନନ୍ଦ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ରେଲୱେ ପରୀକ୍ଷା ଦେବାକୁ ଆସି ଲୁଟର ଶିକାର

**ଭୁବନେଶ୍ୱର,୧୭।୧୨ (ବ୍ୟୁରୋ)**

ଜଣେ ଯୁବକ ଭୁବନେଶ୍ୱରକୁ ରେଲୱେ ପରୀକ୍ଷା ଦେବାକୁ ଆସି ଲୁଟର ଶିକାର ହୋଇଛନ୍ତି। ନିଶାଦିଆ ଲୁଟେରାମାନେ ବରମୁଣ୍ଡା ବସ୍ଷ୍ଟାଣ୍ଡରେ ଉକ୍ତ ଯୁବକଙ୍କୁ ଚା'ରେ ନିଶାଦେଇ ୧୨ହଜାର ଟଙ୍କା ଓ ମୋବାଇଲ୍ ଫୋନ୍ ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା ଯୁବକ ଜଣକ ହେଲେ କେନ୍ଦୁଝର ଜିଲା ଚମ୍ପୁଆ ସରଇର ଦିବ୍ୟଜ୍ୟୋତି ପ୍ରଧାନ। ଲୁଟେରାମାନେ ଲୁଟ୍ କରିବା ପରେ ତାଙ୍କୁ ମାର୍କେଟ ବିଲ୍ଡିଂ ନିକଟରେ ଫିଙ୍ଗି ଚାଲି ଯାଇଥିଲେ। ସକାଳୁ ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ରବିବାର ରେଲୱେ ପରୀକ୍ଷା ଦେବା ପାଇଁ ଦିବ୍ୟଜ୍ୟୋତି ବସ୍‌ରେ ଭୁବନେଶ୍ୱର ଆସି ସକାଳୁ ବରମୁଣ୍ଡା ବସ୍ଷ୍ଟାଣ୍ଡରେ ଓହ୍ଲାଇଥିଲେ। ହେଲେ ନିଶାଦିଆ ଲୁଟେରା ତାଙ୍କ ସହ ବନ୍ଧୁତା ସ୍ଥାପନ କରି ଚା'ରେ ନିଶା ମିଶାଇ ପିଇବାକୁ ଦେଇଥିଲେ। ନିଶା ହେବା ପରେ ତାଙ୍କୁ ଏକ ଅଟୋରେ ବସାଇ ଟଙ୍କା ଓ ମୋବାଇଲ୍ ଲୁଟି ନେଇଥିଲେ। ସନ୍ଧ୍ୟାରେ ତାଙ୍କୁ ମାର୍କେଟ ବିଲ୍ଡିଂର ଏକ ଅନ୍ଧାରୁଆ ସ୍ଥାନରେ ଫିଙ୍ଗି ଚମ୍ପଟ ମାରିଥିଲେ।

### ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଏକାମ୍ର ଭାଜପା ପକ୍ଷରୁ ପ୍ରସ୍ତୁତି

**ପୁରୁଣା ଭୁବନେଶ୍ୱର, ୧୭।୧୨(ଡି.ଏନ.ଏ.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୪ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଖୋର୍ଦ୍ଧା ବରୁଣେଇଠାରେ ଅନୁଷ୍ଠିତ ଏକ ସମାରୋହରେ ପ୍ରଧାନମନ୍ତ୍ରୀ ଯୋଗଦେବେ। ଏକାମ୍ର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ମୋଦିଙ୍କ ଗସ୍ତକୁ ସଫଳ କରିବା ନେଇ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତା ଅମୀୟ ଦାଶଙ୍କ ନେତୃତ୍ୱରେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି, ରତିକାନ୍ତ ଦାଶ, ସୁନିଲ ପଣ୍ଡା, ଶିବ ପ୍ରସାଦ ବେହେରା, କର୍ପୋରେଟର ରଘୁ ମହାନ୍ତି ଉପସ୍ଥିତ ଥିଲେ।

# ମାମଲାରେ ସୀମିତ କମିଶନରେଟ୍ ପୋଲିସ

**ପୁରୁଣା ଭୁବନେଶ୍ୱର, ୧୭।୧୨(ଡି.ଏନ.ଏ.)**

ଲୋକଙ୍କ ସେବାରେ ଥିବା କମିଶନରେଟ୍ ପୋଲିସ କାର୍ଯ୍ୟାନୁଷ୍ଠାନ ବଦଳରେ କେବଳ ମାମଲାରେ ସୀମିତ ରହିଛି। ମାମଲାଟିଏ ରୁଜୁ କରିବାକୁ ପୋଲିସ ପାଖକୁ ଅଭିଯୋଗକାରୀଙ୍କୁ ଦୌଡିବାକୁ ପଡୁଛି। ଅଭିଯୁକ୍ତଙ୍କ ଠିକଣା ଦେଲା ପରେ ମଧ୍ୟ ପୋଲିସ ତାଙ୍କୁ ଗିରଫ କରିବାକୁ ପଛାଉଛି। ଫଳରେ ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ବ୍ୟତିକ୍ରମ ଶ୍ରୀଲିଙ୍ଗରାଜ ଥାନା ଅଧୀନ ରବି ଟକିଜ୍ ଲୁଇସ୍‌ରୋଡ଼ଠାରେ ଘଟିଥିବା ଦୁଇଟି ଘଟଣାରୁ ସ୍ପଷ୍ଟ ହୋଇଯାଇଛି। ରମେଶ ଚନ୍ଦ୍ର ବାରିକଙ୍କ କାର୍ ଗତ ୬ ତାରିଖରେ ଦୁର୍ବୃତ୍ତମାନେ ପୋଡି ଦେଇଥିଲେ। ଘଟଣା ନେଇ ରମେଶ ଥାନାରେ ଅଭିଯୋଗ କରିଥିଲେ। ପରେ ରମେଶ ଥାନାରେ ସିସିଟିଭି ଫୁଟେଜ ସଂଗ୍ରହ କରି କାର୍ ପୋଡୁଥିବା ଦୁଇ ଦୁର୍ବୃତ୍ତଙ୍କ ଫଟୋ ଏବଂ ଭିଡିଓ ପୋଲିସକୁ ଦେଇଥିଲେ। ଏତେ ସତ୍ତ୍ୱେ ଘଟଣାକୁ ହାଲକା ଭାବେ ନେଇ ପୋଲିସ କ'ଣ ପାଇଁ ଦୁର୍ବୃତ୍ତଙ୍କୁ ଗିରଫ କରୁନାହିଁ ତାହା କେବଳ ଅଭିଯୋଗକାରୀ

## କାର୍ଯ୍ୟାନୁଷ୍ଠାନ ଶୂନ

ନୁହଁ ବରଂ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସୂଚନାଥାଉ କି ଥାନାରେ ନଂ. ୨୫୧/୧୮ରେ ମାମଲା ରୁଜୁ ହୋଇଛି। ଅନ୍ୟ ଏକ ଘଟଣାରେ ସେପ୍ଟେମ୍ବରରେ ରବି ଟକିଜ୍‌ର ସାନିଟାରି ଛକଠାରେ ଥିବା ଏକ ଜୁଏଲେରି ଦୋକାନ ଶଟର ତାଡି ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନା, ରୁପା ଅଳଙ୍କାର ଦୁର୍ବୃତ୍ତମାନେ ଚୋରି କରି ନେଇଥିଲେ। ସେହି ଘଟଣାରେ ମଧ୍ୟ ଅଦ୍ୟାବଧି ପୋଲିସ କାହାରିକୁ ଗିରଫ କରିପାରିନାହିଁ।

# ଡିବ୍ରିଫିଙ୍ଗ ବୈଠକରେ ଧନ୍ୟବାଦ ଦେଲେ କମିଶନର

**ଭୁବନେଶ୍ୱର, ୧୭।୧୨(ବ୍ୟୁରୋ)**

■ **ହକି ବିଶ୍ୱକପ୍‌ର ସୁରକ୍ଷା ବ୍ୟବସ୍ଥା ସଫଳତାର ସହ ସମ୍ପାଦନ**

ପୁରୁଷ ହକି ବିଶ୍ୱକପର ସୁରକ୍ଷା ବ୍ୟବସ୍ଥାକୁ ସଫଳତାର ସହ ସମ୍ପାଦନ କରିଥିବାରୁ ପୋଲିସ କମିଶନର(ସିପି) ସତ୍ୟଜିତ ମହାନ୍ତି ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସ୍ଥାନୀୟ ସୂଚନା ଭବନରେ ସିପି ମହାନ୍ତିଙ୍କ ଅଧ୍ୟକ୍ଷତାରେ ସୋମବାର ଡିବ୍ରିଫିଙ୍ଗ (କୌଣସି କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରିବାର ଅଭିଜ୍ଞତା ପ୍ରକାଶ କରିବା ନିମନ୍ତେ ଆୟୋଜିତ ବୈଠକ) ଅନୁଷ୍ଠିତ ହୋଇଥିଲା। ବୈଠକରେ ମହାନ୍ତି କହିଛନ୍ତି, ହକି ବିଶ୍ୱକପର ଉଦଘାଟନୀ ଉତ୍ସବରୁ ଉଦ୍ଯାପନୀ ଉତ୍ସବ ମଧ୍ୟରେ ସୁରକ୍ଷାକୁ ନେଇ କୌଣସି ଅପ୍ରୀତିକର ପରସ୍ଥିତି ଦେଖାଦେଇ ନାହିଁ। ଏଭଳି ଏକ ଅନ୍ତର୍ଜାତୀୟ ଇଭେଣ୍ଟକୁ ସୁରୁଖୁରୁରେ ପରିଚାଳନା କରାଯାଇଥିବାରୁ ଓଡ଼ିଶା ପୋଲିସ ଏବଂ କମିଶନରେଟ ପୋଲିସ ଦେଶ ବିଦେଶରୁ ଅନେକ ପ୍ରଶଂସା ପାଇଛି। ସୁରକ୍ଷା ବ୍ୟବସ୍ଥାକୁ ପୋଲିସ କିଭଳି ପରିଚାଳନା କରିଛି, ଆହୁରି କେତେ ଭଲ ହୋଇପାରିଥାନ୍ତା ଏ ନେଇ ସମୀକ୍ଷା କରାଯାଇଥିଲା। ପୋଲିସର ସଫଳତା ଏବଂ ବିଫଳତା ନେଇ ଆଲୋଚନା କରାଯାଇଥିଲା। ବିଶ୍ୱକପ ଆରମ୍ଭ ପୂର୍ବରୁ 'ଡିବ୍ରିଫିଙ୍ଗ' ବୈଠକ କରାଯାଇଥିଲା। ପୋଲିସ ପକ୍ଷରୁ ସ୍ପେଶାଲ ଡ୍ରାଇଭ କରାଯାଇ ୩୧ ପେସାଦାର ଅପରାଧୀଙ୍କୁ ଗିରଫ ଏବଂ ୧୬୩ ଜଣଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ୬୩ ଅବକାରୀ ମାମଲା ରୁଜୁ କରାଯାଇଥିବା ବେଳେ ୭ ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇ ୧୧ ଜଣଙ୍କୁ ଗିରଫ କରାଯାଇଥିଲା। ଏଥିସହ ୭ ଚୋରା ବନ୍ଧୁକ ଏବଂ ୧୨ଟି ଗୁଳି ଜବତ କରାଯାଇଥିଲା। ପୋଲିସ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ସମସ୍ତ ନିୟମକୁ ରାଜଧାନୀବାସୀ ପାଳନ କରିଥିବାରୁ ପୋଲିସର କାର୍ଯ୍ୟ ଅନେକ ମାତ୍ରାରେ ସହଜ ହୋଇପାରିଥିଲା ବୋଲି କମିଶନର ମହାନ୍ତି କହିଛନ୍ତି।

# ଅଭିଯୁକ୍ତଙ୍କୁ ଲୋକେ ଧରି ପୋଲିସ ଜିମା ଦେଲେ

**ଭୁବନେଶ୍ୱର, ୧୭।୧୨ (ବ୍ୟୁରୋ)**

## ରଙ୍ଗ କାମ ଠିକା ଦେବା ନାଁରେ ଲୁଟ

ରଙ୍ଗ କାମ ଠିକା ଦେବା ପ୍ରଲୋଭନ ଦେଖାଇ ଲୋକଙ୍କୁ ଲୁଟ୍ କରୁଥିବା ବାଲିପାଟଣାର ପ୍ରଫୁଲ୍ଲ ବେହେରା ଧରାପଡ଼ିଛନ୍ତି। ଲୋକେ ପ୍ରଫୁଲ୍ଲଙ୍କୁ କାବୁ କରି ଏକ ଗଛରେ ବାନ୍ଧି ପଚରାଉଚୁରା କରିବା ପରେ ତାଙ୍କ ନିକଟରୁ ଏକ ବାଇକ ଜବତ କରାଯାଇଛି। ଏହାସହ ତାଙ୍କୁ ଖାରବେଳନଗର ଥାନା ପୋଲିସ ଜିମା ଦେଇଛନ୍ତି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ପ୍ରଫୁଲ୍ଲ ରଙ୍ଗକାମ କରୁଥିବା ଠିକାଦାରଙ୍କୁ ଟାର୍ଗେଟ କରିଥାନ୍ତି। ଲୋକଙ୍କୁ କାମ ଦେବାର ଲୋଭ ଦେଖାଇ ତାଙ୍କଠାରୁ ଲୁଟ୍ କରିଥାନ୍ତି। ପ୍ରଫୁଲ୍ଲ ରଙ୍ଗ କାମ କରୁଥିବା ଠିକାଦାରଙ୍କୁ ଏକ ନିର୍ମାଣାଧୀନ କୋଠା ନିକଟକୁ ନେଇଯାଆନ୍ତି। ସେହି ଘର ଦେଖାଇ ଏହାର ରଙ୍ଗକାମ ହେବ ବୋଲି କହିଥିଲେ। ସେଠାରେ ସେ ଉକ୍ତ ଠିକାଦାରଙ୍କୁ ଆଡଭାନ୍ସ ଆକାରରେ କିଛି ଟଙ୍କା ଦିଅନ୍ତି। ଏହାପରେ ତାଙ୍କୁ ନିକଟ ଦୋକାନରୁ ଥଣ୍ଡା ଆଣିବା ପାଇଁ କହି ତାଙ୍କ ବାଇକ୍ ମାଗି ନେଇଯାଇ ଆଉ ଫେରନ୍ତି ନାହିଁ। ପରେ ସେ ବାଇକ୍‌କୁ ବିକ୍ରି କରିଦିଅନ୍ତି। ରବିବାର ସେ ବାଲିପାଟଣାର ଶରତ ସାହୁଙ୍କୁ ରଙ୍ଗ କାମ କରିବା ଆଳରେ କେଶରୀ ହଲ୍ ନିକଟକୁ ନେଇଥିଲେ। ସେଠାରେ ଏକ କୋଠାରେ ରଙ୍ଗ ଦିଆଯିବ ବୋଲି କହିଥିଲେ। ପୂର୍ବ ଯୋଜନା ଅନୁଯାୟୀ ସେ ବାଇକ ନେଇ ଫେରାର ହୋଇଯାଇଥିଲେ। ଏନେଇ ଶରତ ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ। ସୋମବାର ପ୍ରଫୁଲ୍ଲ ବାଲିପାଟଣା ଅଞ୍ଚଳରେ ଥିବା ଶରତ ଜାଣି ଗ୍ରାମବାସୀଙ୍କୁ ଡାକି ତାଙ୍କୁ କାବୁ କରିଥିଲେ। ପଚରାଉଚରା ପରେ ସେ ବାଇକକୁ ପିପିଲିରେ ରହୁଥିବା ଶଳାକୁ ବିକ୍ରି କରିଥିବା ସ୍ୱୀକାର କରିଥିଲେ। ପୋଲିସ ପିପିଲିରୁ ବାଇକ୍‌କୁ ଜବତ କରିଛି।

ଥାନା ଅଧିକାରୀ ଜ୍ଞାନରଞ୍ଜନ ସାହୁ କୁହନ୍ତି, ପ୍ରଫୁଲ୍ଲଙ୍କ ନିକଟରୁ ଆହୁରି ୭ଟି ବାଇକ୍ ଜବତ କରାଯିବ। ତାଙ୍କୁ ପଚରାଉଚୁରା କରାଯାଉଛି। ସେ ପୂର୍ବରୁ କ୍ୟାପିଟାଲ ଓ ଲକ୍ଷ୍ମୀସାଗର ଥାନା ପୋଲିସ ଦ୍ୱାରା ଗିରଫ ହୋଇଥିବା ଜଣାପଡିଛି।

## ଫଟୋରେ ଖବର




ଷ୍ଟିୱାର୍ଟ ସ୍କୁଲ ଭୁବନେଶ୍ୱର ପକ୍ଷରୁ ସୋମବାର ଆୟୋଜିତ ସ୍କୁଲର ୫୮ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ସାମୁଦ୍ରିକ ଝଡ଼ ପେଥାଇ ପ୍ରଭାବରେ ପୁରୀ ସମୁଦ୍ର ଅଶାନ୍ତ ହୋଇ ଉଚ୍ଚ ଜୁଆର ଉଠିଛି।




ପଶ୍ଚିମ ଓଡ଼ିଶାକୁ ବିଭିନ୍ନ କ୍ଷେତ୍ରରେ ଅବହେଳା ପ୍ରତିବାଦରେ ସୋମବାର ପଶ୍ଚିମ ଓଡ଼ିଶା ଯୁବ ମଞ୍ଚ ପକ୍ଷରୁ ବିଧାନସଭା ସମ୍ମୁଖରେ ବିକ୍ଷୋଭ।

ଧରିତ୍ରୀ
DHARITRI
www.orissakhabar.com / www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୮/୨୦୧୮ Bhubaneswar, Tuesday, December 18/2018

## ସଂକ୍ଷେପରେ

### ବଦଳିଲେ ୧୪୮ ଏସ୍‌ଆଇ

**କଟକ ଅଫିସ, ୧୭।୧୨:** ଓଡ଼ିଶା ପୋଲିସର ଏସ୍‌ଆଇ ସ୍ତରରେ ଏକ ବଡଧରଣର ଅଦଳବଦଳ ହୋଇଛି। ମୋଟ ୧୪୮ ଜଣଙ୍କ ବଦଳି ହୋଇଥିବା ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। କମିଶନରେଟ ପୋଲିସରୁ ସର୍ବାଧିକ ୧୬, ରାୟଗଡାରେ ୧୪, କୋରାପୁଟରେ ୯ ଜଣଙ୍କ ସମେତ ସମସ୍ତ ପୋଲିସ ଜିଲାରୁ ବଦଳି ହୋଇଛି। ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଅଦଳବଦଳ କରାଯାଇଥିବା କୁହାଯାଉଛି।

### ପ୍ୟାରିସ୍ ବେକରି ନିର୍ଦ୍ଦେଶକଙ୍କୁ ଅନ୍ତରୀଣ ସୁରକ୍ଷା

**କଟକ ଅଫିସ, ୧୭।୧୨:** କେକ୍ କମ୍ପାନୀ ପ୍ୟାରିସ ବେକରିର ନିର୍ଦ୍ଦେଶକ ଜୟନାରାୟଣ ପୂଜାପଣ୍ଡା ଓ ତାଙ୍କ ସ୍ତ୍ରୀ ରାଜଲକ୍ଷ୍ମୀ ମହାସୁଆରଙ୍କୁ ହାଇକୋର୍ଟରୁ ଅନ୍ତରୀଣ ସୁରକ୍ଷା ମିଳିଛି। ଉଭୟଙ୍କ ବିରୋଧରେ ନୟାପଲ୍ଲୀ ଥାନାରେ ଗତ ମାସରେ ମାମଲା ରୁଜୁ ହୋଇଥିଲା। ଆଗୁଆ ଜାମିନ ପାଇଁ ଉଭୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜାମିନ ଆବେଦନର ଶୁଣାଣି କରି ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଉଭୟଙ୍କୁ ଅନ୍ତରୀଣ ସୁରକ୍ଷା ଦେବା ସହିତ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉକି, ଉଭୟଙ୍କ ବିରୋଧରେ କେତେଜଣ ଦୋକାନୀ ଅର୍ଥନୈତିକ ଅପରାଧ ଶାଖାରେ ବହୁ କୋଟି ଟଙ୍କା ଠକେଇ ଅଭିଯୋଗ କରିଥିଲେ। ଟଙ୍କା ନେଇ ମାଲ ଡେଲିଭରି ନ ଦେବା ଅଭିଯୋଗ ହୋଇଥିଲା। ପ୍ୟାରିସ ବେକରିର ପାର୍ଟନର ବିଭାସ ରଞ୍ଜନ ମଧ ଏ ସମ୍ପର୍କରେ ଭୁବନେଶ୍ୱର କୋର୍ଟରେ ଏକ କମ୍ପ୍ଲେନ୍ କେସ୍ ଦାଏର କରିଥିଲେ। ଭୁବନେଶ୍ୱର କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ନୟାପଲ୍ଲୀ ଥାନାରେ ଉଭୟଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଆବେଦନକାରୀ ପୂଜାପଣ୍ଡାଙ୍କ ପକ୍ଷରୁ ଆଡଭୋକେଟ ବିଦ୍ୟାଲୋକ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।



କଟକ ମିଶନରୋଡସ୍ଥିତ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା କ୍ରିସ୍‌ମାସ୍ କ୍ୟାରୋଲ ପାଳନ କରାଯାଉଛି।

# ଜବରଦଖଲରେ ଶ୍ରୀଲିଙ୍ଗରାଜଙ୍କ ଜମି

## ଫେରାଇ ଆଣିବା କାର୍ଯ୍ୟକ୍ରମ ଭେଳିକି

**ପୁରୁଣା ଭୁବନେଶ୍ୱର, ୧୭।୧୨(ଡି.ଏନ.ଏ.)**

ଶ୍ରୀଲିଙ୍ଗରାଜଙ୍କ ଶହ ଶହ ଏକର ଜମି ଜବରଦଖଲରେ ରହିଛି। କେଉଁଠି ଜମି ମାଫିଆ ଏହି ଜମିଗୁଡିକୁ ମାଡିବସି ଅକ୍ତିଆର କରିବାକୁ ମନ୍ଦିର ପ୍ରଶାସନ ଓ ଅନ୍ୟ ବିଭାଗ ଅଧିକାରୀଙ୍କୁ ସଲାସୁତର କରୁଛନ୍ତି ତ ପୁଣି କେଉଁ ଜାଗାରେ ପ୍ରଶାସନର ବାରଣ ସତ୍ତ୍ୱେ ପଥର ପାଚେରି କରି ନିଜ ଦଖଲକୁ ନେଉଛନ୍ତି। ଏଭଳିସ୍ଥିତିରେ ମନ୍ଦିର ପ୍ରଶାସନ ନିକଟରେ ଗୌତମନଗର ମୌଜାରେ ଥିବା ୦.୪୯ ଏକର ଠାକୁରଙ୍କୁ ମାଲିକାନାକୁ ଫେରାଇ ଆଣି ବାହାବା ନେଉଥିବାବେଳେ ଅନେକ ସ୍ଥାନରେ ଏହାର ଓଲଟା ପରିସ୍ଥିତି ଦେଖିବାକୁ ମିଳୁଛି। ସାମନ୍ତରାପୁର, ମହାବୀର ନଗର, ସାନିଟାରିଛକ, ନାରାୟଣୀ କ୍ଲବ ପାଖ, କାଳୀଗଡିଆ ମଶାଣି ଆଦି ଅନେକ ଜାଗାରେ ଠାକୁରଙ୍କୁ ଜମିକୁ ଜବରଦଖଲକାରୀ ଦଖଲ କରି ରହିଛନ୍ତି। ବିଭିନ୍ନ ନୋଟିସ ସତ୍ତ୍ୱେ ସେମାନେ ପାଲଟା ପ୍ରଶାସନିକ ଅଧିକାରୀଙ୍କୁ ହାତବାରିସି କରି ନିଜ ନାମରେ ଜମି କରେଇ ନେବାକୁ ମସୁଧା ଚଳାଇଥିବା ଅଭିଯୋଗ ହେଉଛି। ଯାହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ବାତାବରଣ ଦେଖିବାକୁ ମିଳୁଛି। ଅନ୍ୟପକ୍ଷେ ସେବା ନ ଥିବା ଅନେକ ଅଣସେବାୟତ ମଧ ଏହି ଜମି ଲାଳସାରେ ଜବରଦଖଲରେ ଅକ୍ତିଆର କରିଛନ୍ତି। ତୁରନ୍ତ ଏସବୁ ସ୍ଥାନରୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ଼ କାର୍ଯ୍ୟାଳୟ ଜବରଦଖଲ ହଟେଇବାକୁ ପଦକ୍ଷେପ ଗ୍ରହଣ ନ କରାଇଲେ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅନେକ ବ୍ୟକ୍ତି ଜାଣିଶୁଣି ଦଖଲ ନାଁରେ କୋର୍ଟଙ୍କ ଆଶ୍ରୟ ନେଇ ଜାଗା ଉପରେ କେସ୍ ଚାଲୁଥିବା ବାହୁସ୍ଫୋଟ ମାରି ଚୁପ୍ ହୋଇ ବସିଛନ୍ତି। ଆହୁରି ଅନେକ ଏହି ଜମିକୁ ଶାଗ ମାଛ ଦରରେ ପ୍ରଶାସନଠାରୁ କିଣି ମାଲାମାଲ ହେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତୁରନ୍ତ ପଦକ୍ଷେପ ସ୍ୱରୂପ ଠାକୁରଙ୍କ ଜମି ଠାକୁରଙ୍କ ମାଲିକାନାକୁ ଫେରାଇ ଆଣି ପାରିଲେ ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ଅନେକ ଯାନିଯାତ୍ରା, ପୂଜାପର୍ବ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଳି ସମୃଦ୍ଧିଶାଳୀ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ଆଶା ପ୍ରକଟ କରିଛନ୍ତି। ଏ ସମ୍ପର୍କରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କୁ ପଚାରିବାରେ, ଦେବୋତ୍ତର କମିଶନଙ୍କ ନିର୍ଦ୍ଦେଶକ୍ରମେ ଠାକୁରଙ୍କ ଜବରଦଖଲରେ ଥିବା ସମସ୍ତ ଜମିକୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯିବ। ଏଥିରେ କୌଣସି ପ୍ରିୟାପ୍ରୀତି ତୋଷଣ କରାଯିବ ନାହିଁ। ଯେଉଁମାନେ ଠାକୁରଙ୍କ ଜମିକୁ ଜବରଦଖଲ କରି କୋର୍ଟଙ୍କ ଆଶ୍ରୟ ନେଇଛନ୍ତି ସେମାନଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଓଡ଼ିଶା ପାନୀୟ ନିଗମ ନିଯୁକ୍ତି ମାମଲା

# ଚୂଡ଼ାନ୍ତ ତାଲିକା ଉପରେ ହାଇକୋର୍ଟଙ୍କ ଅଙ୍କୁଶ

**କଟକ ଅଫିସ, ୧୭।୧୨**

ଓଡ଼ିଶା ପାନୀୟ ନିଗମ ଲିମିଟେଡ୍ (ଓଏସ୍‌ବିସିଏଲ୍)ରେ ୧୨ ସହକାରୀ ପରିଚାଳକ ନିଯୁକ୍ତି ସଂକ୍ରାନ୍ତ ଚୂଡ଼ାନ୍ତ ତାଲିକା ପ୍ରକାଶନ ଉପରେ ହାଇକୋର୍ଟ ଅଙ୍କୁଶ ଲଗାଇଛନ୍ତି। ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ମାମଲାର ଶୁଣାଣି କରି ଏହି ଆଦେଶ ଦେଇଛନ୍ତି। ଅଦାଲତଙ୍କ ବିନା ଆଦେଶରେ ନିଯୁକ୍ତି ସମ୍ପର୍କିତ ପୂର୍ଣ୍ଣାଙ୍ଗ ଫଳାଫଳ ପ୍ରକାଶ କରାଯାଇ ପାରିବ ନାହିଁ। ଆବେଦନକାରୀ ପ୍ରତାପ ଚନ୍ଦ୍ର ବସ୍ତିଆ ଉକ୍ତ ସଂସ୍ଥାରେ ୧୭ ବର୍ଷ ଧରି ଯେଉଁ ପଦବୀରେ କାର୍ଯ୍ୟ କରୁଛନ୍ତି ସେ ଉକ୍ତ ପଦବୀରେ ଆସନ୍ତା ଜାନୁୟାରୀ ୭ ଯାଏ କାର୍ଯ୍ୟ କରିପାରିବେ ବୋଲି କୋର୍ଟ ଆଦେଶ ଦେଇଛନ୍ତି। ସେହିପରି ରାଜ୍ୟ ଅବକାରୀ ବିଭାଗ ସଚିବ, ରାଜ୍ୟ ପବ୍ଲିକ ଏଣ୍ଟରପ୍ରାଇଜର ସଚିବ, ଓଏସ୍‌ବିସିଏଲ୍ ପରିଚାଳନା ନିର୍ଦ୍ଦେଶକଙ୍କୁ ଜବାବ ଦାଖଲ ଲାଗି ହାଇକୋର୍ଟ ନୋଟିସ ଜାରି କରିଛନ୍ତି।

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ ମାମଲାର ଶୁଣାଣି ବେଳେ ଅଦାଲତଙ୍କୁ ଦର୍ଶାଇଥିଲେ, ଆବେଦନକାରୀ ଓଡ଼ିଶା ଷ୍ଟେଟ କୋଅପରେଟିଭ ଅଏଲ୍ ସିଡ୍‌ସ ଗ୍ରୋଭର୍ସ ଫେଡେରେଶନ ଲିମିଟେଡ୍(ଅଏଲ୍ ଓଡ଼ିଶା)ରେ ୧୯୮୬ ମାର୍ଚ୍ଚ ୨୪ରେ ନିଯୁକ୍ତି ପାଇ କାର୍ଯ୍ୟ କରୁଥିଲେ। ମାତ୍ର ଅଏଲ୍ ଓଡ଼ିଶା ଆର୍ଥିକ କ୍ଷେତ୍ରରେ ଦୁର୍ବଳ ହୋଇଯିବାରୁ ଉକ୍ତ ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଥଇଥାନ ଲାଗି ସରକାର ଯୋଜନା କରିଥିଲେ। ଫଳରେ ଆବେଦନକାରୀଙ୍କ ସମେତ ଅନ୍ୟମାନେ ୨୦୦୧ରୁ ଅଏଲ୍ ଓଡ଼ିଶାରୁ ଡେପୁଟେଶନରେ ଆସି ଓଏସ୍‌ବିସିଏଲ୍‌ରେ କାର୍ଯ୍ୟ କରୁଛନ୍ତି। ତେଣୁ ଆବେଦନକାରୀଙ୍କ ସମେତ ଅନ୍ୟମାନଙ୍କ ଏକାଧିକ ଆବେଦନକୁ ବିଚାର କରି ଓଏସ୍‌ବିଏଲ୍‌ରେ ଖାଲିଥିବା ପଦବୀରେ ସେମାନଙ୍କୁ ସ୍ଥାୟୀ ଥଇଥାନ କରାଯିବାକୁ କୋର୍ଟଙ୍କୁ ନିବେଦନ କରାଯାଇଛି। ମାମଲା ବିଚାରାଧୀନ ଥିବାବେଳେ ଓଏସ୍‌ବିସିଏଲ୍ ପକ୍ଷରୁ ୧୨ ସହକାରୀ ପରିଚାଳକ ନିଯୁକ୍ତି ସଂକ୍ରାନ୍ତୀୟ ବିଜ୍ଞପ୍ତି ଅନୁଚିତ ବୋଲି ଅଦାଲତରେ ଦର୍ଶାଯାଇଛି।




# ୨୦ରୁ ଜାତୀୟ ନେଫ୍ରୋଲୋଜି ବିଶେଷଜ୍ଞ ସମ୍ମିଳନୀ

## ଯୋଗଦେବେ ଦେଶ ବିଦେଶର ସ୍ୱନାମଧନ୍ୟ ଡାକ୍ତର

**କଟକ ଅଫିସ, ୧୭।୧୨**

ଆସନ୍ତା ୨୦ ତାରିଖରୁ ଭୁବନେଶ୍ୱରର ମେ ଫେୟାର କନ୍‌ଭେନସନ ପରିସରରେ ୪୯ତମ ଇଣ୍ଡିଆନ ନ୍ୟାଶନାଲ କଂଗ୍ରେସ ଅଫ ନେଫ୍ରୋଲୋଜିର ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ବାଂଲାଦେଶ, ନାଇଜେରିଆ, ଶ୍ରୀଲଙ୍କା ଓ ନେପାଳ ପ୍ରଭୃତି ରାଷ୍ଟ୍ରରୁ ୧୫୦ ଜଣ ବିଶେଷଜ୍ଞ ଯୋଗଦେବେ। ସେହିପରି ଏହି କାର୍ଯ୍ୟକ୍ରମରେ ୟୁକେ, ୟୁଏସ୍‌ଏ, କାନାଡା ଓ ଅଷ୍ଟ୍ରେଲିଆ ପ୍ରଭୃତି ରାଷ୍ଟ୍ରରୁ ବଛାବଛା ୧୦ ଜଣ ପ୍ରଫେସର ଯୋଗଦେବାକୁ ଥିବାବେଳେ ଦେଶର ବିଭିନ୍ନ ଅଞ୍ଚଳରୁ ହଜାରରୁ ଊର୍ଦ୍ଧ୍ୱ ଡାକ୍ତର ଭାଗ ନେବେ। ମୁଖ୍ୟତଃ ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ ଓ ଜ୍ଞାନକୌଶଳ ମାଧ୍ୟମରେ କିଡ୍‌ନୀ ରୋଗର ଚିକିତ୍ସା ଉପରେ ଆଲୋଚନା କରାଯିବ। ସେହିପରି କିଡ୍‌ନୀ ରୋଗର କାରଣ ଓ ନିରାକରଣ ଉପରେ ଆଲୋଚନା କରାଯିବ ବୋଲି ସୋମବାର ସର୍କିଟ ହାଉସଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଏହି ସମ୍ମିଳନୀରେ ସଙ୍ଗଠନ ସମ୍ପାଦକ ପ୍ରଫେସର ଡା. ଚିତ୍ତରଞ୍ଜନ କର, ବରିଷ୍ଠ ୟୁରୋଲୋଜି ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା ଓ ବରିଷ୍ଠ ନେଫ୍ରୋଲୋଜି ପ୍ରଫେସର ଡା. ଶଶିଭୂଷଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

## ହକି ଓଡ଼ିଶାରେ ବିଶ୍ୱ

ଧରିତ୍ରୀର ୪୫ତମ ଜନ୍ମଦିନ ଅବସରରେ ପ୍ରକାଶ ପାଇଛି ଆକର୍ଷଣୀୟ ବିଶେଷାଙ୍କ 'ହକି ଓଡ଼ିଶାରେ ବିଶ୍ୱ'। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେଉଛି ଚତୁର୍ଦ୍ଦଶ ପୁରୁଷ ହକି ବିଶ୍ୱକପ୍। ଏହି ପ୍ରେକ୍ଷାପଟରେ ଓଡ଼ିଶା ହକିର ଅନ୍ତୁଡ଼ିଶାଳ ସୁନ୍ଦରଗଡ଼ ତଥା ହକି ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆଲେଖ୍ୟ ସହ ଏଥିରେ ରହିଛି ୨୦୧୯: ସିଂହାସନ ପାଇଁ ସଜବାଜ, ହାର୍ଡୱର୍କ ନୁହେଁ ସ୍ମାର୍ଟୱର୍କ, #ମି ଟୁ: ପୁରୁଷ-ଆଧିପତ୍ୟରେ ଚଡ଼କ, ପ୍ଲାଷ୍ଟିକ୍ ଆବର୍ଜନା : ପରିଚାଳନା ଓ ବିକଳ୍ପ, ଶର୍ଟ ଫିଲ୍ମ: ଅଳ୍ପ ଅବଧି, ବେଶୀ ବାର୍ତ୍ତା, ପରଦେଶରେ ଦେଶୀ ଫ୍ୟାଶନ୍। ବିଶିଷ୍ଟ ସାହିତ୍ୟିକା ଡ. ପ୍ରତିଭା ରାୟଙ୍କ ସହ ସାକ୍ଷାତ୍‌କାର ସମେତ ପ୍ରବୀଣ ନବୀନଙ୍କ ଗଳ୍ପ, ପ୍ରବନ୍ଧ, କବିତା ସମ୍ଭାରରେ ଏହି ସଂଖ୍ୟା ସମୃଦ୍ଧ।




ଧରିତ୍ରୀ ବିତରକଙ୍କ ପାଖରେ ଏହି ବିଶେଷାଙ୍କ ଉପଲବ୍ଧ

**ମୂଲ୍ୟ: ୮୦**

**ଯୋଗାଯୋଗ: ଭୁବନେଶ୍ୱର:** ସାଇପ୍ରସାଦ ଦାଶ (୭୮୯୪୪୬୨୯୨୦), ସଞ୍ଜୟ ସାହୁ (୯୦୪୦୮୦୦୩୭୪), ସଞ୍ଜୟ ତୋଷ (୭୦୦୮୦୧୯୭୪୩) **କଟକ:** ଜ୍ଞାନେନ୍ଦ୍ର କର (୯୪୩୯୬୭୨୧୧୫)
**ପୁରୀ/ନୟାଗଡ଼:** ଜ୍ୟୋତିପ୍ରକାଶ ଶତପଥୀ (୭୦୦୮୬୮୪୦୪୧) **ଖୋର୍ଦ୍ଧା:** ଅରବିନ୍ଦ ପାଠୀ (୭୦୦୮୯୫୦୪୨୫)
ଦୂରଭାଷ: ୦୬୭୪-୨୫୮୦୧୦୧/୨୫୪୯୩୦୨

### ରୂପନଗର ମାୟାନଗରୀର ସମ୍ବର୍ଦ୍ଧନା ଉତ୍ସବ

# ମନୋରମାଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ



**କଟକ ଅଫିସ, ୧୭।୧୨**

ସମାଜର ପୂର୍ବତନ ସମ୍ପାଦିକା ତଥା ସାହିତ୍ୟିକ ମନୋରମା ମହାପାତ୍ରଙ୍କୁ ମିଳିଛି ଜୀବନ ବ୍ୟାପୀ ସାଧନା ସମ୍ମାନ। ସୋମବାର ସନ୍ଧ୍ୟାରେ ସାଂସ୍କୃତିକ ଓ ସାମ୍ବାଦିକ ଅନୁଷ୍ଠାନ ରୂପନଗର ମାୟାନଗରୀର ଓଡ଼ିଶା ପ୍ରେସ୍-ମିଡିଆ-ଟେଲିଭିଜନ ଆୱାର୍ଡ ପ୍ରଦାନ ଉତ୍ସବ ସ୍ଥାନୀୟ ଶହୀଦ ଭବନରେ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବ୍ରହ୍ମପୁର ଏମ୍‌ପି ଅନାଦି ସାହୁ ଉତ୍ସବକୁ ଉଦ୍‌ଘାଟନ କରିଥିବାବେଳେ ହାଇକୋର୍ଟର ପୂର୍ବତନ ବିଚାରପତି ମଦନମୋହନ ଦାସ ମୁଖ୍ୟ ଅତିଥି ଏବଂ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଓ ଅଧିକାର ଆୟୋଗର ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ମହାପାତ୍ରଙ୍କ ସମେତ ବରିଷ୍ଠ ସାମ୍ବାଦିକ ରବି ଦାସ, ମହେଶ୍ୱର ମୂଳିଆ, ଅରୁଣ ପଣ୍ଡା ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଦୈନିକ ଓଡ଼ିଆ ଖବରକାଗଜ ଧରିତ୍ରୀକୁ ବେଷ୍ଟ ପିପୁଲ ଚଏସ୍ ଆୱାର୍ଡ ପ୍ରଦାନ କରାଯାଇଥିଲା। ଧରିତ୍ରୀ ସବୁବେଳେ ସତ୍ୟ ଏବଂ ତଥ୍ୟଭିତ୍ତିକ ଖବର ପରିବେଷଣ କରି ଆସିଥିବାରୁ ରାଜ୍ୟବାସୀଙ୍କ ପସନ୍ଦର ଖବରକାଗଜ ଭାବେ ଆଦୃତ ହୋଇପାରିଛି। ଏହି ଖବରକାଗଜର ଲୋକପ୍ରିୟତା ଜାରି ରହୁ ବୋଲି ଅନୁଷ୍ଠାନ ପକ୍ଷରୁ ସାଧାରଣ ସମ୍ପାଦକ ବିକ୍ରମ କେଶରୀ ରାୟ କହିଥିଲେ। ସେହିପରି ଓଡିଆ ସିନେଜଗତ ଏବଂ ସମାଜର ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସେଥିମଧ୍ୟରୁ ଶୁଭାଶିଷ ମିଶ୍ରଙ୍କୁ ବେଷ୍ଟ ଟେଲି ଆକ୍ଟର, ସାଧନା ମିଶ୍ରଙ୍କୁ ବେଷ୍ଟ ଟେଲି ଆକ୍ଟ୍ରେସ୍, ଟ୍ୱିଙ୍କିଲ ମିଶ୍ରଙ୍କୁ ବେଷ୍ଟ ନେଗେଟିଭ କ୍ୟାରେକ୍ଟର, ପ୍ରଦୀପ ସାହୁଙ୍କୁ ଲୋକପ୍ରିୟ ଟେଲି କଳାକାର, ଦେବସ୍ମିତା ପଣ୍ଡାଙ୍କୁ ଲୋକପ୍ରିୟ ଟେଲି ଅଭିନେତ୍ରୀ ଭାବେ ସମ୍ମାନିତ କରାଯାଇଥିଲା।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଡିସେମ୍ବର, ୨୦୧୮



## ସଂକ୍ଷେପରେ

### ଚୋରି ଘଟଣାରେ ୨ ଗିରଫ

**ସାଲେପୁର,୧୭।୧୨(ଡି.ଏନ.ଏ.):** ସାଲେପୁର ଥାନା ଜପକୁଦ ଫାଣ୍ଡି ଅଧୀନ କଟରପା ପଞ୍ଚାୟତର ରେବା ଆଞ୍ଚଳିକ ଜୁନିୟର କଲେଜରୁ ଗତ ୧୨ତାରିଖ ରାତିରେ ଏଲ୍ଇଡି ଟିଭି ଚୋରି ହୋଇଥିଲା। ଏ ନେଇ ଜପକୁଦ ଫାଣ୍ଡିରେ କଲେଜ ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ନଂ.୨୮୫/୧୮ରୁଜୁ କରି ତଦନ୍ତ ଚଳାଇଥିଲା। ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣ କବାଟ କଲେଜ ସିସିଟିଭିକୁ ଯାଞ୍ଚକରି ଜଣେ ଲୁଟେରାଙ୍କୁ ଧରିବାରେ ସଫଳ ହୋଇଛନ୍ତି। ସେ ହେଲେ ଓଡ଼ାସିଂହ ଗ୍ରାମର ସୁବାସ ବେହେରା ଓରଫ୍ ବବୁଲ୍ (୨୨)। ସେହିପରି ଗତମାସରେ ଓଡ଼ାସିଂହ ହାଇସ୍କୁଲର ଏକ ମାଇକ୍ ସେଟ ଚୋରି ହୋଇଥିବା ସ୍କୁଲ୍ ପକ୍ଷରୁ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଭୀମଦାସପୁର ପଞ୍ଚାୟତ ତାଳପଦା ଗ୍ରାମର ଚିଣ୍ଟୁ ସେଠୀ ଓରଫ୍ ବଂଶୀ (୨୦)କୁ ଗିରଫ କରାଯାଇଥିଲା। ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଫାଣ୍ଡି ଅଧିକାରୀ କବାଟ ସୂଚନା ଦେଇଛନ୍ତି।

### ସରିଲା ଜନପରାମର୍ଶ ପଦଯାତ୍ରା

**ବାଙ୍କୀ,୧୭।୧୨(ସ୍ୱ.ପ୍ର.):** ବାଙ୍କୀ ଭାଜପା ପକ୍ଷରୁ ବରିଷ୍ଠ ନେତା ତଥା ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶୁଭ୍ରାଂଶୁ ମୋହନ ପାଢ଼ୀଙ୍କ ନେତୃତ୍ୱରେ ଚାଲିଥିବା ଜନପରାମର୍ଶ ପଦଯାତ୍ରା କଳାପଥର ଜୋନ-୩୪ରେ ଉଦ୍ଯାପିତ ହୋଇଯାଇଛି। ପାଢ଼ୀଙ୍କ ଅଧ୍ୟକ୍ଷତାରେ ସଚେତନତା ସଭା କଳାପଥରଠାରେ ଅନୁଷ୍ଠିତ ହୋଇଥିଲା। କଳାପଥର ମଣ୍ଡଳ ସଭାପତି ଦାସରଥୀ ଦାସ ଜନପରାମର୍ଶ ପଦଯାତ୍ରା ସମ୍ପର୍କରେ ଉପସ୍ଥାପନା କରିଥିଲେ। ପାଢ଼ୀ ତାଙ୍କ ଭାଷଣରେ ରାଜ୍ୟ ସରକାରଙ୍କ ଅରାଜକତା ଉପରେ ଉଲ୍ଲେଖ କରି ପ୍ରବଳ ବର୍ଷିଥିଲେ। କାର୍ଯ୍ୟକ୍ରମରେ ବିସ୍ତାରକ ପ୍ରଭାସ ମଲିକ, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଅଜୟ ସ୍ୱାଇଁ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ସ୍ୱାସ୍ଥ୍ୟ ଶିବିର

**ମାହାଙ୍ଗା,୧୭।୧୨(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଏରକଣାସ୍ଥିତ ପୁଷ୍ପଗିରି ମହାବିଦ୍ୟାଳୟ ଓ ଜୟଗୁରୁ ଯୁବ ପରିଷଦ ଉଷ୍ମା ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ରବିବାର ଏକ ବ୍ଲକସ୍ତରୀୟ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। କଟକ ବଡ ମେଡିକାଲର ୫୦ରୁ ଊର୍ଦ୍ଧ୍ୱ ୧୯ ବିଭାଗର ବିଶେଷଜ୍ଞ ଯୋଗଦେଇ ୩୪୯୬ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ଔଷଧ ପ୍ରଦାନ କରିଥିଲେ। ବିଭିନ୍ନ ହସପିଟାଲର ଡାକ୍ତର, ଫାର୍ମାସିଷ୍ଟ, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷାରେ ସହଯୋଗ କରିଥିଲେ। ସ୍ୱାସ୍ଥ୍ୟବିଭାଗ ନିର୍ଦ୍ଦେଶକ ଡା. ହରପ୍ରସାଦ ପଟ୍ଟନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ବଟକୃଷ୍ଣ ମାହାଲା, ବ୍ଲକ୍ ଅଧ୍ୟକ୍ଷ ଶରତ ନାୟକ, ବ୍ଲକ୍ ବିଜେଡି ସଭାପତି ରାଜକିଶୋର ଜେନା, ଯୁବ ବିଜେଡି ସଭାପତି ଶରତ ମହାପାତ୍ର, ମହାବିଦ୍ୟାଳୟ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ମଲ୍ଲିକ, ଡା. ନୃପେନ୍ଦ୍ର କୁମାର ଶତପଥୀ, ଉମାଶଙ୍କର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇ ସାଇକେଲ ଓ ହୁଇଲ ଚେୟାର ବଣ୍ଟନ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର, ଯୁବ ପରିଷଦ କର୍ମକର୍ତ୍ତା ଓ ଜନସାଧାରଣ ଉପସ୍ଥିତ ରହି ସହଯୋଗ କରିଥିଲେ।

■ ବିଧବା, ବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ମିଳୁନି ଭତ୍ତା

# କାହା ପାଇଁ ସରକାରୀ ଯୋଜନା

**ସାଲେପୁର,୧୭।୧୨(ଡି.ଏନ.ଏ.)**

ସରକାର ବିଧବା, ଭିନ୍ନକ୍ଷମ ଓ ବୃଦ୍ଧାବୃଦ୍ଧ ଆଦିଙ୍କ ପାଇଁ ଭତ୍ତା ଯୋଜନା କରିଛନ୍ତି। ହେଲେ ତାହା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଯାହାର ଉଦାହରଣ ଦେଖିବାକୁ ମିଳିଛି, ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ପଞ୍ଚାୟତର ବାହାରପଡ଼ା ଗ୍ରାମରେ। ଉକ୍ତ ଗ୍ରାମର ସକୁନ୍ତଳା ସାହୁଙ୍କ ସ୍ୱାମୀ ଗୌରାଙ୍ଗଙ୍କ ପ୍ରାୟ ୧୪ବର୍ଷ ତଳୁ ମୃତ୍ୟୁ ହେଲାଣି। ହେଲେ ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ ସକୁନ୍ତଳାଙ୍କୁ ବିଧବା ଭତ୍ତା ଦିଆଯାଇନାହିଁ। ସେ ଅନେକ ଥର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ଗୁହାରି କରିଥିଲେ ମଧ୍ୟ କେହି ତାଙ୍କ କଥା ଶୁଣୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସରକାର ଗରିବ ଲୋକଙ୍କୁ ସାହାଯ୍ୟ କରୁଛନ୍ତି ବୋଲି କହୁଛନ୍ତି। ହେଲେ ମୁଁ ଦୀର୍ଘଦିନ ହେବ ଦୌଡୁଥିଲେ ମଧ୍ୟ ମୋତେ କେହି ସହାୟତା କରୁନାହାନ୍ତି,


ଊର୍ମିଳା ପାତ୍ର।

କାହା ପାଇଁ ସରକାର ଏହି ଯୋଜନା କରିଛନ୍ତି। ସେହିପରି ଉକ୍ତ ଗ୍ରାମର ଊର୍ମିଳା ପାତ୍ରଙ୍କ ସ୍ୱାମୀ ଗଗନଙ୍କ ପ୍ରାୟ ୪ବର୍ଷ ତଳେ ମୃତ୍ୟୁ ହୋଇଛି। ହେଲେ ଊର୍ମିଳାଙ୍କୁ ମଧ୍ୟ ବିଧବା ଭତ୍ତା ଯୋଜନାରେ ସାମିଲ କରାଯାଇନାହିଁ। ଊର୍ମିଳାଙ୍କ ଏକମାତ୍ର ଝିଅ ବାହା ହୋଇଯାଇଥିବା ବେଳେ

**ସାଲେପୁର ବ୍ଲକ**
- ■ଅନେକ ଥର ଆବେଦନ ପରେ ବି କେହି ଶୁଣୁନାହାନ୍ତି
- ■ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଆଉ କେହି ନାହାନ୍ତି। ଫଳରେ ସେ ବହୁ ଅସୁବିଧାରେ ଦିନ କାଟୁଛନ୍ତି। ଊର୍ମିଳା ଅନେକଥର ପ୍ରଶାସନ ନିକଟରେ ଭତ୍ତା ପାଇଁ ଆବେଦନ କରିଛନ୍ତି। ସବୁଥର କେବଳ ଭତ୍ତା ମିଳିବାର ପ୍ରତିଶ୍ରୁତି ମିଳୁଛି। ହେଲେ କେବେ ମିଳୁନାହିଁ ବୋଲି ସେ କହିଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତାଙ୍କ ପ୍ରତି ଦୃଷ୍ଟିଦେବାକୁ ସେ ନିବେଦନ କରିଛନ୍ତି। ସେହିପରି ବାହାରପଡ଼ା ଗ୍ରାମର ମଧୁସୂଦନ ସାହୁଙ୍କ ୨ବର୍ଷ ତଳୁ ମୃତ୍ୟୁ ଘଟିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କ ସ୍ତ୍ରୀ ପ୍ରମିଳାଙ୍କୁ ବିଧବା ଭତ୍ତା ଯୋଜନାରେ ସାମିଲ୍ କରାଯାଇନାହିଁ। ଗ୍ରାମର ବଂଶୀଧର ନାୟକଙ୍କ ୪ବର୍ଷ ତଳେ ମୃତ୍ୟୁ ଘଟିଥିଲେ ମଧ୍ୟ ତାଙ୍କ ବିଧବା ସ୍ତ୍ରୀ ନୟନାଙ୍କୁ ଭତ୍ତା ଯୋଜନାରେ ସାମିଲ୍ କରାଯାଇନାହିଁ। ସେହିପରି ଗ୍ରାମର ଭିନ୍ନକ୍ଷମ ବୃଦ୍ଧା ସର ଦେଈ ଅନେକ ଥର ଭିନ୍ନକ୍ଷମ ଯୋଜନାରେ ଭତ୍ତାପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ସାମିଲ୍ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଗ୍ରାମର ମଥୁରା ଦାସଙ୍କୁ ୬୫ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଭତ୍ତା ପ୍ରଦାନ କରାଯାଇନାହିଁ। ଶିଶୁଆ ପଞ୍ଚାୟତ ସମେତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଭତ୍ତା ଯୋଜନାରୁ ବହୁ ବୃଦ୍ଧ, ବୃଦ୍ଧା ଓ ବିଧବା ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ନିରପେକ୍ଷ ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ଶିବବ୍ରତ ଘୋଷ କହିଛନ୍ତି, ଭତ୍ତା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯିବ ନାହିଁ। ଯଦି କେହି ଆବେଦନ କରିଥିବେ ତଦନ୍ତ କରଯାଇ ସପ୍ତାହେ ମଧ୍ୟରେ ସେମାନଙ୍କୁ ଭତ୍ତା ପ୍ରଦାନ କରାଯିବ।

## କଳାକାର ଭତ୍ତା ଚୟନରେ ଚଞ୍ଚକତା

**ସାଲେପୁର,୧୭।୧୨(ଡି.ଏନ.ଏ.)**

ସାଲେପୁର ବ୍ଲକ ରତିଲୋ ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ କଳାକାର ଭତ୍ତା ଚୟନରେ ଚଞ୍ଚକତା ହୋଇଥିବା ପଞ୍ଚାୟତ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଜିଲା ସଂସ୍କୃତି ବିଭାଗ ପକ୍ଷରୁ ଭତ୍ତା ପ୍ରଦାନ ପାଇଁ କେତେଜଣ ଅଣକଳାକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମଞ୍ଚ ଅଭିଯୋଗରେ ଦର୍ଶାଇଛି। ମଞ୍ଚ କର୍ମକର୍ତ୍ତା କହିଛନ୍ତି, ଏମାନେ କଳାକାର ନୁହନ୍ତି, କୌଣସି ଅନୁଷ୍ଠାନରୁ ଅର୍ଥ ବିନିମୟରେ ଜାଲ୍ ସାର୍ଟିଫିକେଟ୍ ଆଣି ପ୍ରଶାସନକୁ ପ୍ରଭାବିତ କରିବା ସହ ଅନ୍ଧାରରେ ରଖି ସହାୟତା ପ୍ରାପ୍ତି ନିମନ୍ତେ ବିବେଚିତ ହୋଇଛନ୍ତି। ପଞ୍ଚାୟତର ବହୁ ଅଭିଜ୍ଞ କଳାକାର ଭତ୍ତାରୁ ବଞ୍ଚିତ ଥିବା ବେଳେ କିପରି ଅନଭିଜ୍ଞ କଳାକାରଙ୍କୁ ଯୋଜନାରେ ସାମିଲ୍ କରାଗଲା ତାହା ନେଇ ମଞ୍ଚ ପକ୍ଷରୁ ପ୍ରଶ୍ନ କରାଯାଇଛି। ମଞ୍ଚ ପକ୍ଷରୁ ଅଜୟ ସ୍ୱାଇଁ, ସୁକାନ୍ତ ବେହେରା, ସୁଧୀର ନାୟକ, ଅଭିରାମ ପୃଷ୍ଟି, ବସନ୍ତ ପ୍ରଧାନ, ପ୍ରମୋଦ ସ୍ୱାଇଁ, ରତିକାନ୍ତ ସାହୁ ପ୍ରମୁଖ ସଂସ୍କୃତି ବିଭାଗ ସଚିବ, ଜିଲା ସଂସ୍କୃତି ବିଭାଗ ଅଧିକାରୀ, ସାଲେପୁର ବିଡିଓ ଓ ରତିଲୋ ସରପଞ୍ଚଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଏଥିସହ ନିରପେକ୍ଷ ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ୍ କରିବାକୁ ଦାବି ହୋଇଛି।

## ଭାଜପା କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ଯୋଗ ଦେଇଥିବା ଭାଜପା ନେତା।

**ଆଠଗଡ଼, ୧୭।୧୨(ସ୍ୱ.ପ୍ର.)**

ଆଠଗଡ଼ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ସ୍ଥାନୀୟ ଶୁଭଦୀପା କଲ୍ୟାଣ ମଣ୍ଡପଠାରେ ଏକ କର୍ମୀ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ବିଭୂତି ଭୂଷଣ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମକୁ ଦୃଢ଼ୀଭୂତ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ନିର୍ବାଚନମଣ୍ଡଳୀର ୭ମଣ୍ଡଳ ପାଇଁ ସଂଯୋଜକ ମନୋନୟନ କରାଯାଇଥିଲା। ଆଠଗଡ଼ ଏନଏସି ନଗର ମଣ୍ଡଳ, ଆଠଗଡ ବ୍ଲକ ୧, ୨, ୩, ଗ୍ରାମୀଣ ମଣ୍ଡଳ ଓ ଟିଗିରିଆ ବ୍ଲକ ୨ଟି ଗ୍ରାମୀଣ ମଣ୍ଡଳ ପାଇଁ ସନ୍ତୋଷ ପଟ୍ଟନାୟକ, ଶରତ ପରିଡ଼ା, ଅଶୋକ ଦାସ, ହୃଦାନନ୍ଦ ତ୍ରିପାଠୀ, ସୁବାସଚନ୍ଦ୍ର ସାହୁ ଓ ନିତ୍ୟାନନ୍ଦ ପଣ୍ଡାଙ୍କୁ ମନୋନୀତ କରାଯାଇଥିଲା। ନିର୍ବାଚନମଣ୍ଡଳୀରେ ସାଙ୍ଗଠନିକ କାର୍ଯ୍ୟକୁ ତଦାରଖ କରିବା ପାଇଁ ବରିଷ୍ଠ ନେତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟିରେ ଭାଜପା ଜିଲା ସାଧାରଣ ସମ୍ପାଦକ ରାମନାରାୟଣ ମହାନ୍ତି, ବିଧାୟକ ପ୍ରାର୍ଥୀ ବିଶ୍ୱସୁନ୍ଦର ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନ୍ମଥ ମିଶ୍ର, ବ୍ରଜେନ୍ଦ୍ର ରାୟ, ବିକ୍ରମ ଦାସ, ଜିଲା ଭାଜପା କୋଷାଧ୍ୟକ୍ଷ ପ୍ରଦୀପ ସାହା, କ୍ୟାପଟେନ ପ୍ରଫୁଲ୍ଲ ଚନ୍ଦ୍ର ପରିଡ଼ା, ଜଗଦାନନ୍ଦ ତ୍ରିପାଠୀ ଓ ପ୍ରକାଶଚନ୍ଦ୍ର ସେଠୀ ପ୍ରମୁଖ ରହିଛନ୍ତି। ସମ୍ମିଳନୀରେ ନିର୍ବାଚନମଣ୍ଡଳୀ ପ୍ରଭାରୀ ତଥା ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ହୃଷୀକେଶ ଜେନା, ଜିଲା କୋଷାଧ୍ୟକ୍ଷ ପ୍ରଦୀପ ସାହା ପ୍ରମୁଖ ଯୋଗଦାନ କରି ଆଗାମୀ ଦିନରେ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏଠାରୁ ଲଢ଼ିବାକୁ ଆମନ୍ତ୍ରଣ କରାଯିବ ବୋଲି କହିଥିଲେ।

## ଜନହିତକର ଯୋଜନା ଉପରେ ଆଲୋଚନା

**ନିଶ୍ଚିନ୍ତକୋଇଲି,୧୭।୧୨(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ପଞ୍ଚାୟତରେ ତୃତୀୟ ଦିନରେ ପିଠା କାର୍ଯ୍ୟକ୍ରମ ହୋଇଛି। କଟିକଟା ପଞ୍ଚାୟତରେ ସରପଞ୍ଚ ମନସ୍ୱିତା ପଣ୍ଡା, ସମିତିସଭ୍ୟା ସୁଲୋଚନା ଲେଙ୍କା ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଜୟ ବେହେରା ଯୋଗଦେଇ ୬ଜଣଙ୍କୁ କଳାକାର ଭତ୍ତା, ୩୭ ଜଣଙ୍କୁ ମଧୁବାବୁ ଭତ୍ତା ଓ ୧୭ଜଣଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଏଥିସହ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଉପରେ ଆଲୋଚନା କରିଥିଲେ। ଜମରାରେ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ଲେଙ୍କା, ସମିତିସଭ୍ୟା ତିତିଲି ଜେନା, ଗିରିଶ ମହାପାତ୍ର ପ୍ରମୁଖ ଯୋଗଦେଇ ଜଣଙ୍କୁ କଳାକାର ଭତ୍ତା, ୯ ଜଣଙ୍କୁ ମଧୁବାବୁ ଭତ୍ତା ଓ ୨୦ଜଣଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ନରେନ୍ଦ୍ରପୁରରେ ସରପଞ୍ଚ ବନବିହାରି ସେଠୀ, ସମିତିସଭ୍ୟ ପୁଷ୍ପଶ୍ରୀ ଗୋଚ୍ଛାୟତ, ଭିଏଲଡବ୍ଲ୍ୟୁ ଦିଲୀପ ମହନ୍ତ, ଜିଲାପରିଷଦ ସଭ୍ୟା ଗୀତାଞ୍ଜଳି ପଣ୍ଡା ଯୋଗଦେଇ ୩୦ଜଣଙ୍କୁ ମଧୁବାବୁ



କାର୍ଯ୍ୟକ୍ରମରେ ପିଠା ପ୍ରଦର୍ଶନ କରୁଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା।

**ପିଠା କାର୍ଯ୍ୟକ୍ରମ**

ଭତ୍ତା, ୧୬ଜଣଙ୍କୁ ପ୍ରୋତ୍ସାହନ ରାଶି ଓ ୨ ଜଣଙ୍କୁ କଳାକାର ଭତ୍ତା ପ୍ରଦାନ କରିଥିଲେ। ନତକାଇରେ ସରପଞ୍ଚ ବନ୍ଦନା ମାଝୀଙ୍କ ତତ୍ତ୍ୱାବଧାନରେ ସମିତିସଭ୍ୟ ଅଜୟ ବେହେରା, ସିଡିପିଓ ନୀଳାବତୀ ସେଠୀ ଯୋଗ ଦେଇଥିଲେ। ଭିଏଲଡବ୍ଲ୍ୟୁ କେଦାରଶ୍ୱର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ତରକୂଳ ପଞ୍ଚାୟତରେ ଏବିଡିଓ ସୁଶାନ୍ତ ରଣା, କନିଷ୍ଠ ଯନ୍ତ୍ରୀ ଅମିୟ ବିଶ୍ୱାଳ, ସରପଞ୍ଚ ଦିଲୀପ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବଡ଼ମ୍ବା କ୍ରିକେଟ କପ୍: ବୁଷ୍ଟାର କ୍ଲବ ଚାମ୍ପିୟନ

**ବଡ଼ମ୍ବା,୧୭।୧୨(ଡି.ଏନ.ଏ)**

ବଡ଼ମ୍ବା ବ୍ରଦର୍ସ ଆଣ୍ଡ ବ୍ରଦର୍ସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ବଡ଼ମ୍ବା କ୍ରିକେଟ କପ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ମାଜେଷ୍ଟ୍ରୀ କ୍ରିକେଟ୍ କ୍ଲବ ଆଠଗଡ଼ ଓ ବୁଷ୍ଟାର କ୍ରିକେଟ୍ କ୍ଲବ ରତାପାଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଆଠଗଡ଼ ଦଳ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୯୦ ରନ୍ ସଂଗ୍ରହ କରିଥିଲେ। ଯବାବରେ ରତାପାଟ ଦଳ ୧୪ ଓଭରରେ ୧୯୧ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ରତାପାଟ ଦଳର ସୁଶାନ୍ତ ପଣ୍ଡାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମୃତ୍ୟୁଞ୍ଜୟ ମାନସିଂହଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇଥିବା ବେଳେ ସାମାଜିକ କର୍ମୀ ପ୍ରଦୀପ ସ୍ୱାଇଁ, ସଞ୍ଜୟ ସ୍ୱାଇଁ, ବିରଞ୍ଚି ଜେନା, ପରମାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ସଭାପତି ସୁମିତ୍ ଶତପଥୀ, ସମ୍ପାଦକ ଜ୍ୟୋତିରଞ୍ଜନ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। ମ୍ୟାଚକୁ ପ୍ରୀତିରଞ୍ଜନ ରଥ ଓ ସଞ୍ଜୟ ଶତପଥୀ ପରିଚାଳନା କରିଥିଲେ।

## ଜନଶୁଣାଣିରେ ୨୨୪ ଅଭିଯୋଗ



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

**ବାଙ୍କୀ,୧୭।୧୨(ସ୍ୱ.ପ୍ର.)**

ବାଙ୍କୀ ବ୍ଲକର ଜନଅଭିଯୋଗ ଶୁଣାଣି ଶିବିର ବାଙ୍କୀ ବିଜ୍ଞାପିତ କ୍ଷେତ୍ର ପରିଷଦ ବାତ୍ୟାବନ୍ୟା ଆଶ୍ରୟସ୍ଥଳଠାରେ ସୋମବାର ଅନୁଷ୍ଠିତ ହୋଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଶିବିରରେ ଯୋଗ ଦେଇଥିଲେ। ଏଥିରେ ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା, ଇନ୍ଦିରା ଆବାସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଗ୍ରାମ୍ୟ ପାନୀୟଜଳ, ନଳକୂପ ସ୍ଥାପନ, ବିଦ୍ୟୁତ୍ ଯୋଗାଣ, ଗ୍ରାମାଞ୍ଚଳରେ ରାସ୍ତା ନିର୍ମାଣ, ବାସହୀନଙ୍କୁ ଜମି ପ୍ରଦାନ ସମ୍ପର୍କିତ ୨୨୪ ଅଭିଯୋଗ ଆସିଥିଲା। ଅତିରିକ୍ତ ଜିଲାପାଳ ଖଣ୍ଡାୟତରାୟ ଏ ସବୁର ଶୁଣାଣି କରି ତୁରନ୍ତ ଫଇସଲା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ଅରୁଣ ବିଶ୍ୱାଳ, ବାଙ୍କୀ ତହସିଲଦାର ପଦ୍ମଲୋଚନ ସାହୁ, ଡମପଡ଼ା ତହସିଲଦାର ସୁନୀତା ଜେନା, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟବ୍ରତ ମନ୍ତ୍ରୀ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜ ମହାନ୍ତି, ବାଙ୍କୀ ସମବାୟ ସର୍କଲ ସହକାରୀ ନିବନ୍ଧକ ସରୋଜ ଜେନା, ଗ୍ରାମାଞ୍ଚଳ ଏସ୍‌ପି ମାଧବ ଚନ୍ଦ୍ର ସାହୁ, ବାଙ୍କୀ ଉପଖଣ୍ଡ ଚିକିତ୍ସା ଅଧିକାରୀ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ, ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀ ପ୍ରଭାସ କୁମାର ମାଝି, ଉପଖଣ୍ଡ ପୋଲିସ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶାରଦା ପ୍ରସାଦ ମହାନ୍ତି ଓ ବାଙ୍କୀ ଥାନା ଆଇଆଇସି ସମୀର କୁମାର ପଣ୍ଡାଙ୍କ ସମେତ ଉପଖଣ୍ଡ ଓ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଯୋଗଦେଇ ସହଯୋଗ କରିଥିଲେ। ବାଙ୍କୀ ବିଡିଓ ପ୍ରଭାତ ସାହୁ ଓ ବ୍ଲକ ସାମାଜିକ ଶିକ୍ଷା ଅଧିକାରୀ ଦିବାକର ମହାପାତ୍ର ଶିବିରକୁ ପରିଚାଳନା କରିଥିଲେ।

## ପଞ୍ଚାୟତ ବିଦ୍ୟାପୀଠ ରୌପ୍ୟ ଜୟନ୍ତୀ ଉଦ୍‌ଯାପିତ

**ନରସିଂହପୁର, ୧୭।୧୨ (ଡି.ଏନ.ଏ./ ସ୍ୱ.ପ୍ର.)**

ନରସିଂହପୁର ବ୍ଲକ ଅଧୀନ ନିମସାହି-ଡମକଟା ପଞ୍ଚାୟତ ବିଦ୍ୟାପୀଠର ୨ଦିନିଆ ରୌପ୍ୟଜୟନ୍ତୀ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବିଶିଷ୍ଟ ଅତିଥି ବିଧାୟକ ଦେବୀ ପ୍ରସାଦ ମିଶ୍ର, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, ଉଚ୍ଚ ଶିକ୍ଷା ବିଭାଗ ଯୁଗ୍ମ ନିର୍ଦ୍ଦେଶିକା ପ୍ରିତିପ୍ରତିଭା ଭୋଇ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ବ୍ଲକ ଶିକ୍ଷାଧିକାରୀ ସୌମ୍ୟାଶ୍ରୀ ପଣ୍ଡା, ବ୍ଲକ ଉପାଧ୍ୟକ୍ଷା ସୁନିତା ସ୍ୱାଇଁ, ଜିଲା ପରିଷଦସଭ୍ୟ ନିର୍ମଳ ଜେନା, ଶିକ୍ଷାକମିଟି ସଭାପତି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନଶିକ୍ଷକ ପ୍ରଦୀପ୍ତ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଏକ ରକ୍ତଦାନ ଶିବିର ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପରେ ଅତିଥିଙ୍କ ଦ୍ୱାରା ଏକ ସ୍ମରଣିକା ଉନ୍ମୋଚନ କରାଯାଇଥିଲା। ସେହିପରି ରଘୁନାଥ ପାଠାଗାର ସମ୍ମିଳନୀ କକ୍ଷ ସହିତ ନୂତନ ଗୃହର ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର କୁଳମଣି ବାରିକ, ମୁଖ୍ୟବକ୍ତା ବ୍ଲକ ଶିକ୍ଷାଧିକାରୀ ସୌମ୍ୟାଶ୍ରୀ ପଣ୍ଡା, ସମ୍ମାନିତ ଅତିଥି ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଶେଷରେ ଶିକ୍ଷକ ସୁଗମ ପ୍ରସାଦ ଡାଲୁଆ ଧନ୍ୟବାଦ ଦେଇଥିଲେ।

## ଗାଁ ସାଥୀ ସଂଘ ବୈଠକ

**ନରସିଂହପୁର, ୧୭।୧୨ (ଡି.ଏନ.ଏ.)**

ନରସିଂହପୁର ବ୍ଲକ ଗାଁ ସାଥୀସଂଘ ପକ୍ଷରୁ ଏକ ବୈଠକ ସ୍ଥାନୀୟ ତହସିଲ ପରିସର କଚେରି ପଡିଆରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସୋମନାଥ ଦାଶ ଅଧ୍ୟକ୍ଷତା କରିଥିଲେ। କଟକ ଜିଲା ଗାଁ ସାଥୀ ସଂଘ ସଭାପତି ଜଳନ୍ଧର ସାହୁ, ଟିଗିରିଆ ବ୍ଲକ ସମ୍ପାଦକ ନାରାୟଣ ହାତୀ ଯୋଗ ଦେଇଥିଲେ। ବୈଠକରେ ଆଗାମୀ ଦିନରେ ଗାଁ ସାଥୀମାନେ କିପରି ଉପଯୁକ୍ତ ପାରିଶ୍ରମିକ ପାଇପାରିବେ ତାହା ଉପରେ ଆଲୋଚନା ହୋଇଥିଲା। ବୈଠକକୁ ପ୍ରସନ୍ନ ଜେନା, ରତ୍ନାକର ବେହେରା, ପବିତ୍ର ଖୁଣ୍ଟିଆ, ପ୍ରେମଲତା ସ୍ୱାଇଁ, ପ୍ରବାସିନୀ ମହାପାତ୍ର, ଶ୍ରୀନିବାସ ଖଟୁଆ, ରଞ୍ଜିତ ବିଶ୍ୱାଳ, ନବ କିଶୋର ନାୟକ, ବଟକୃଷ୍ଣ ବାରିକ, ଅମରେନ୍ଦ୍ର ପ୍ରସାଦ ଦାଶ, ଦୟାନିଧି ବାରିକି ପ୍ରମୁଖ ପରିଚାଳନା କରିଥିଲେ।

## ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ବାଙ୍କୀ,୧୭।୧୨(ସ୍ୱ.ପ୍ର.)**

ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଛି। ପ୍ରାକ୍ତନ ମଣ୍ଡଳ ଶିକ୍ଷାଧିକାରୀ ରଞ୍ଜନ ସାମନ୍ତରାୟ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଅଶୋକ ମହାନ୍ତିଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥିଭାବେ ପ୍ରେସ୍‌କ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ପରିଚାଳନା କମିଟି ସଭାପତି ଲକ୍ଷ୍ମୀପ୍ରିୟା ମହାପାତ୍ର, ପଣ୍ଡିତ ନଗେନ୍ଦ୍ର ମହାପାତ୍ର, କ୍ରୀଡ଼ା ଶିକ୍ଷକ ଦୟାନିଧି ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ପ୍ରଥମେ ମା'ଚର୍ଚ୍ଚିକାଙ୍କ ମନ୍ଦିରରୁ ଛାତ୍ରଙ୍କ ଦ୍ୱାରା କ୍ରୀଡ଼ା ମଶାଲ ଶୋଭାଯାତ୍ରାରେ ଅଣାଯାଇ ସ୍ଥାପନ କରାଯାଇଥିଲା। ପରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ବିଦ୍ୟାପୀଠର ୨୫୦ ଛାତ୍ର ଅଂଶ ଗ୍ରହଣ କରିଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିଲୋଚନ ଜେନାଙ୍କ ସଂଯୋଜନାରେ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ କାହ୍ନୁଚରଣ ସାହୁ ଧନ୍ୟବାଦ ଦେଇଥିଲେ। ଶିମିଳିପୁର ହରିରାଜପୁର ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ କୃପାସିନ୍ଧୁ ପ୍ରଧାନ, ବିଦ୍ୟାପୀଠ ଶିକ୍ଷୟିତ୍ରୀ ବୀଣାପାଣି ଦାଶ, ବିନୋଦିନୀ ନାୟକ, ମଞ୍ଜୁଲତା ସୁବୁଦ୍ଧି, ମୀନୁଶ୍ରୀ ମଲ୍ଲିକ, ସନ୍ଧ୍ୟାରାଣୀ ପାଢୀ, ପାର୍ବତୀ ମୁର୍ମୁ, ଜ୍ୟୋତିର୍ମୟୀ ପଣ୍ଡା, ଚିତ୍ରରେଖା ମିଶ୍ର, ଜ୍ୟୋତିର୍ମୟୀ ରାଉତ, ବିଷ୍ଣୁପ୍ରିୟା ସ୍ୱାଇଁ, ଅନୁପମା ସାହୁ, ଇଂ ଶୁଭଲକ୍ଷ୍ମୀ, ପୁନମ ଗୁପ୍ତା, ନିବେଦିତା ଜେନା ପରିଚାଳନାରେ ସହଯୋଗ କରିଥିଲେ।

## ବିବେକାନନ୍ଦଙ୍କ ଉପରେ ବକ୍ତୃତା, ପ୍ରବନ୍ଧ ପ୍ରତିଯୋଗିତା


ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

**ବଡ଼ମ୍ବା, ୧୭।୧୨(ଡି.ଏନ.ଏ.)**

ବଡ଼ମ୍ବା ରାମକୃଷ୍ଣ ପରମହଂସ ଦେବ ସେବା ପ୍ରତିଷ୍ଠାନ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ଉପରେ ଏକ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ସୋମବାର ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ପ୍ରତିଷ୍ଠାନ ଆବାହକ ରମେଶ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସେବା ପ୍ରତିଷ୍ଠାନ ସମ୍ପାଦକ ତଥା ସାମାଜିକ କର୍ମୀ ସରୋଜ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥିଭାବେ ଆଇନଜୀବୀ ଅମରେଶ ରଥ ଯୋଗ ଦେଇଥିଲେ। ବଡ଼ମ୍ବା ଗଡ଼ର ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ସମେତ ଗୋପମଥୁରା ପ୍ରକଳ୍ପ ବିଦ୍ୟାଳୟ ଓ ଡିଏଭି ପବ୍ଲିକ ସ୍କୁଲର ପ୍ରାୟ ୬୫ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଆସନ୍ତା ୧ରେ ପ୍ରତିଷ୍ଠାନ ପକ୍ଷରୁ ପାଳିତ ହେବାକୁ ଥିବା କଳ୍ପତରୁ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ସମ୍ପାଦକ ପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ମନୋଜ ପଟ୍ଟନାୟକ, ଶିବ ପ୍ରସାଦ ବ୍ରହ୍ମା, ଉମାକାନ୍ତ ତ୍ରିପାଠୀ ଓ ପ୍ରହ୍ଲାଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ

**ନିଶ୍ଚିନ୍ତକୋଇଲି,୧୭।୧୨(ସ୍ୱ.ପ୍ର.)**

ନିଶ୍ଚିନ୍ତିକୋଇଲି ବ୍ଲକ ଅଧୀନ ରାମକୃଷ୍ଣପୁର ପଞ୍ଚାୟତରେ ରବିବାର ୧୩ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି। ମାହାଙ୍ଗା ବିଧାୟକ ତଥା ମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏସବୁ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ମନ୍ତ୍ରୀ ଜେନା ପ୍ରଥମେ ରାମକୃଷ୍ଣପୁର ଓ ଅର୍ଜୁନମାହାରାଠାରୁ ତଳ ନହଙ୍ଗ ପାଟପାରି ରାସ୍ତାର ଶିଳାନ୍ୟାସ କରିଥିଲେ। ପରେ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ଶିଳାନ୍ୟାସ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଗୃହର ଶିଳାନ୍ୟାସ, ଦହପଡା ବିଜୁ ମାର୍କେଟ କମ୍ପ୍ଲେକ୍ସର ଶିଳାନ୍ୟାସ, ସୌରଶକ୍ତି ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ, ବଜ୍ରମହାକାଳି କୋଠ ଘରର ଶିଳାନ୍ୟାସ, ବେହେରା ସାହି କମ୍ୟୁନିଟି ସେଣ୍ଟର ଶିଳାନ୍ୟାସ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଗୃହର ଶିଳାନ୍ୟାସ କରିଥିଲେ। ଏହାପରେ ଡ୍ରିମନାଇଟ କ୍ଲବ, ନାଗେଶ୍ୱର ଆନନ୍ଦ ଭବନ, ରାମକୃଷ୍ଣପୁର ଅଙ୍ଗନୱାଡ଼ି-୨ ଗୃହ ଓ ବଜ୍ରମହାକାଳି ମଣ୍ଡପର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବଜ୍ରମହାକାଳି ମଣ୍ଡପରେ ସାଧାରଣ ସଭା ଆୟୋଜନ କରାଯାଇଥିଲା। ଅଶୋକ ଓଝାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଙ୍କ ସମେତ ମୁଖ୍ୟବକ୍ତା ବ୍ଲକ ଅଧ୍ୟକ୍ଷା ସବିତା ଓଝା, ସମ୍ମାନିତ ଅତିଥି ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ମହାପାତ୍ର, ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ବିବେକାନନ୍ଦ ସାମନ୍ତରାୟ, ବିଡିଓ ସୁରେଶ ଚନ୍ଦ୍ର ପ୍ରଧାନ, ଯୁବ ବିଜେଡି ସଭାପତି ମିହିର ମିଶ୍ର, ନିଶ୍ଚିନ୍ତକୋଇଲି ସରପଞ୍ଚ ରବୀନ୍ଦ୍ର ସେଠୀ, ବ୍ଲକ କୃଷକମୋର୍ଚ୍ଚା ସଭାପତି ଜ୍ୟୋତି ପ୍ରକାଶ ସ୍ୱାଇଁ ଓ ହିମାଂଶୁ ମହାନ୍ତି ପ୍ରମୁଖ ଯୋଗଦେଇ ସରକାରଙ୍କ ଜନ କଲ୍ୟାଣ ଯୋଜନା ଉପରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ମନ୍ତ୍ରୀ ଜେନାଙ୍କୁ ରାମକୃଷ୍ଣପୁର ପଞ୍ଚାୟତର ଚାଷୀ, ବିଜୁ ଯୁବବାହିନୀ ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ପଞ୍ଚାୟତ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ବାଙ୍କୀ,୧୭।୧୨(ସ୍ୱ.ପ୍ର.)**

ବାଙ୍କୀ ଏନଏସି ଅନ୍ତର୍ଗତ ସାହାଡ଼ାପଦା ତ୍ରିନାଥ ମନ୍ଦିର ପରିସରରେ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବବିଜେଡି ସଭାପତି ସନ୍ତୋଷ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ମୁଖ୍ୟବକ୍ତା ଆଞ୍ଚଳିକ ବାଣିଜ୍ୟ ସମିତି ସଭାପତି ସମରେନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ସୁବାସ ଚନ୍ଦ୍ର ପାଢୀ, ପ୍ରତାପ ଚନ୍ଦ୍ର ମହାପାତ୍ର ଓ ଆଇନଜୀବୀ ପ୍ରଦୀପ ପୃଷ୍ଟି ଯୋଗ ଦେଇଥିଲେ। ବିଜୁ ଯୁବବାହିନୀ ସଭାପତି ମୁନା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରଦୀପ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଡିସେମ୍ବର, ୨୦୧୮



ଅହଂକାରୀ ଲୋକ ଅନ୍ୟର ପରାମର୍ଶ ଗ୍ରହଣ କରେନାହିଁ। କାରଣ ସେ ସବୁକିଛି ଜାଣିଛି ବୋଲି ଧରିନେଇଥାଏ।
- ସକ୍ରେଟିସ



# କପଡ଼ା ଘରର କରୁଣ କଥା

**କଟକ ଅଫିସ, ୧୭।୧୨**



କଟକ ରେଳଷ୍ଟେଶନ। ରାତି ୧୨ଟା ପରେ ଗଲେ ଷ୍ଟେଶନ କାର୍ଯ୍ୟାଳୟକୁ ଲାଗି ଏକାଧିକ କପଡ଼ା ଘେରା ଘର ଦେଖିବାକୁ ମିଳିବ। ଏହି ଘର ଭିତରେ ଯେଉଁମାନେ ଅଛନ୍ତି ସେମାନଙ୍କ କାହାଣୀ ଶୁଣିଲେ ଶିଶୁ ଅଧିକାର, ସୁରକ୍ଷା ଓ ଯତ୍ନକୁ ନେଇ ମନରେ ପ୍ରଶ୍ନବାଚୀ ସୃଷ୍ଟି ହେବ। ସେହି କପଡ଼ା ଘେରା ଘର ଭିତରେ ରହୁଛନ୍ତି ୧୮ ବର୍ଷରୁ କମ୍ ନାବାଳିକା, ନାବାଳକ। ଅଧିକାଂଶ ନାବାଳିକାଙ୍କ କୋଳରେ ଶିଶୁ। କାହା କୋଳରେ ଦୁଇ ମାସର ଶିଶୁ ତ କାହା କୋଳରେ ୬ ମାସ। ଏମାନଙ୍କ ପରିଚୟ ମଧ୍ୟ ମିଳେନି। ଦିନମାନ ଷ୍ଟେଶନରେ ବୁଲି କାହାର ବୋଲହାକ କରି ଏମାନେ ଯାହା ରୋଜଗାର କରନ୍ତି, ସେଥିରେ ପେଟ ପାଇଁ ଦାନା ଯୋଗାଡ଼ କରିଥାନ୍ତି। ତେବେ ସବୁଠୁ ବଡ଼ କଥା ହେଉଛି ଏମାନଙ୍କ କୋଳରେ ଯେଉଁ ଶିଶୁ ଅଛନ୍ତି ସେମାନଙ୍କ ଭବିଷ୍ୟତ ମଧ୍ୟ ଅନ୍ଧାରରେ। ଆଉ ଏକ ସମ୍ବେଦନଶୀଳ କଥା ହେଉଛି ଅସହାୟମାନଙ୍କୁ ନେଇ ବିବାଦ ଉପୁଜିଛି। ଜଣେ ସରକାରୀ ଅଧିକାରୀ ଭୋର ସମୟରେ କପଡ଼ା ଘର ଭିତରୁ ସେମାନଙ୍କ ଫଟୋ ଉଠାଇବାକୁ ନେଇ ବିବାଦ ଦେଖାଦେଇଛି, ଯାହାକୁ ନେଇ ଜିଲା ଶିଶୁ ମଙ୍ଗଳ କମିଟି ସମ୍ପୃକ୍ତ ସରକାରୀ ଅଧିକାରୀଙ୍କୁ ନୋଟିସ ଜାରି କରିଛି। କମିଟି ଅଧ୍ୟକ୍ଷା ମନ୍ଦାକିନୀ ଜେମା କୁହନ୍ତି, ଫଟୋ ଉଠାଇଥିବା ବ୍ୟକ୍ତିଙ୍କୁ ଆମେ ନୋଟିସ କରିଛୁ। ଉକ୍ତ ମାମଲା ଏବେ କମିଟିରେ ବିଚାରାଧୀନ ଅଛି।

ଏହି ନାବାଳିକା, ନାବାଳକ ଓ ସେମାନଙ୍କ ଶିଶୁଙ୍କ ସୁରକ୍ଷା ଥଇଥାନକୁ ନେଇ ଚିନ୍ତାବଢ଼ିଛି। ୨୦୧୪ରେ ତତ୍କାଳୀନ ଜିଲାପାଳ ଗିରିଶ ଏସ୍.ଏନ୍. ଷ୍ଟେଶନରେ ବୁଲୁଥିବା ଏହି ପିଲାମାନଙ୍କ ଥଇଥାନ ପାଇଁ ଅଭିଯାନ ଆରମ୍ଭ କରିଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ କଟକ ରେଳ ଷ୍ଟେଶନରେ ସ୍ୱତନ୍ତ୍ର ଡ୍ରାଇଭ କରାଯାଇ ୨୪ ଜଣ ପିଲାଙ୍କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ସମୟରେ ସେମାନଙ୍କ ମଧ୍ୟରୁ ୨ ଜଣ ନାବାଳିକା ଗର୍ଭବତୀ ଥିଲେ। ଜଣେ ନାବାଳିକା ବସୁନ୍ଧରାରେ ରହି ସନ୍ତାନ ପ୍ରସବ କରିଥିବା ବେଳେ ଅନ୍ୟ ଜଣେ ନାବାଳିକାଙ୍କ ଗର୍ଭନଷ୍ଟ ହୋଇ ଯାଇଥିଲା। ମାତ୍ର ଉଦ୍ଧାର ପରେ ଏମାନେ ବସୁନ୍ଧରା କାନ୍ଥ ଡେଇଁ ପୁଣି ଥରେ ଷ୍ଟେଶନକୁ ଫେରି ଯାଇଥିଲେ।

■ ଦିନରେ ଷ୍ଟେଶନରେ ବୁଲି ବୋଲହାକ କରନ୍ତି
■ ସରକାରୀ ଅଧିକାରୀଙ୍କୁ ନୋଟିସ୍ ଜାରି

ସେମାନଙ୍କ ଥଇଥାନ ପାଇଁ ବହୁବାର ଚେଷ୍ଟା କରାଯାଇଛି। ହେଲେ ସେମାନେ ଚାରିକାନ୍ଥ ଘେରା ଭିତରେ ରହିବାକୁ ଚାହୁଁ ନ ଥିବା କହିଛନ୍ତି ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି। ଚାଇଲ୍ଡ ଲାଇନ ସଂଯୋଜକ ନାରାୟଣ ଶୁକ୍ଳା ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇ କହିଛନ୍ତି, ସେମାନଙ୍କ ପାଇଁ ଅନେକ କିଛି କରାଯାଇଛି। ମାତ୍ର ସବୁଥିରେ ଆମେ ବିଫଳ ହୋଇଛୁ।

ସାମାଜିକ କର୍ମୀ ଅଭିମନ୍ୟୁ ଦାସ କହିଛନ୍ତି ଯେ, ଶିଶୁ ଅଧିକାର, ସୁରକ୍ଷା ଓ ଯତ୍ନ ପାଇଁ ଅନେକ ସରକାରୀ ଯୋଜନା ମୂଲ୍ୟହୀନ ହୋଇପଡ଼ିଛି। ଯଦି ଏହି ଶିଶୁମାନଙ୍କୁ ରୋଜଗାର ପନ୍ଥା ଯୋଗାଇ ଦିଆଯାଆନ୍ତା ତେବେ ସେମାନେ କେବେ ଷ୍ଟେଶନରେ ଏଭଳି ଦୟନୀୟ ଜୀବନ ବିତାନ୍ତେ ନାହିଁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମୋବାଇଲ ଜବତ: ଅଭିଯୁକ୍ତ ଗିରଫ

**କଟକ ଅଫିସ୍, ୧୭।୧୨:** ମୋବାଇଲ ଫୋନ୍ ଲୁଟ୍ ଅଭିଯୋଗରେ ବାଦାମବାଡି ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ ଥାନା ଅନ୍ତର୍ଗତ ବେଣାଗାଡିଆପାଟଣା ଅଞ୍ଚଳର ରବୀନ୍ଦ୍ର ବେହେରା। ତାଙ୍କ ଠାରୁ ଏକ ମୋବାଇଲ ଜବତ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଭଦ୍ରକ ଜିଲାର ଅଜିତ୍ ରାୟ ନାମକ ବ୍ୟକ୍ତି ଗତ ଶୁକ୍ରବାର ବାଦାମବାଡି ବସ୍‌ଷ୍ଟାଣ୍ଡରେ ଠିଆହୋଇ ଫୋନରେ କଥା ହେଉଥିଲେ। ଏହି ସମୟରେ ରବୀନ୍ଦ୍ର ଏକ ବାଇକରେ ଆସି ଅଜିତ୍‌ଙ୍କ ମୋବାଇଲ ଛଡାଇ ନେଇ ପଳାଇଥିଲେ। ଏ ନେଇ ଅଜିତ୍‌ଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୩୩୭/୧୮)ରୁଜୁ କରିଥିଲା।

### ସ୍ୱଚ୍ଛ କଟକ, ସୁସ୍ଥ କଟକ

**କଟକ ଅଫିସ, ୧୭।୧୨:** ରାଜ୍ୟ ପରିବେଶ ବିଭାଗ ଓ କଟକ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବାଲିଯାତ୍ରା ପଡିଆରେ ରବିବାର 'ସ୍ୱଚ୍ଛ କଟକ ଓ ସୁସ୍ଥ କଟକ' କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। କଟକ କଲେଜ ଯୁବ ରେଡକ୍ରସ୍ ସ୍ୱେଚ୍ଛାସେବୀମାନେ ଯୋଗଦେଇ ବିଭିନ୍ନ ଅନୁଷ୍ଠାନ ସହିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଏବଂ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ରହି ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ। କଟକ କଲେଜର ରେଡକ୍ରସ ଅଧିକାରୀ ପ୍ରଦୀପ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ କରିଥିଲେ। କଲେଜ ଅଧକ୍ଷ ଡ. ସନ୍ତୋଷ ପଟ୍ଟନାୟକ ଯୋଗଦେଇ ଭବିଷ୍ୟତରେ ଏହି ଧାରା ବଜାୟ ରହିବା ଆବଶ୍ୟକ ବୋଲି କହିଥିଲେ।

### ଉଦ୍ଧାର ଫାଉଣ୍ଡେଶନର ବାର୍ଷିକ ଉତ୍ସବ

**ଚୌଦ୍ୱାର, ୧୭।୧୨ (ଡି.ଏନ୍.ଏ.) :** ସ୍ୱେଚ୍ଛାସେବୀ ସଙ୍ଗଠନ ଉଦ୍ଧାର ଫାଉଣ୍ଡେଶନର ବାର୍ଷିକ ଉତ୍ସବ ଗାନ୍ଧୀଛକସ୍ଥିତ ପୌରପାଳିକା ଟାଉନ୍‌ହଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପୂର୍ବତନ ଡିଜିପି ସଞ୍ଜୀବ ମାରିକ୍, ପୂର୍ବତନ ଜିଲା ଜଜ୍ ଗୋପବନ୍ଧୁ ପଟ୍ଟନାୟକ, ଅଭିନେତା ଶ୍ରୀତମ ଦାସ, ଶୁଭଶ୍ରୀ ଦାସ, ଦେବାଶିଷ ପଟ୍ଟନାୟକ, ଇନ୍ଦିରା ଦାସ, ଶୁଚିସ୍ମିତା ପୃଷ୍ଟି ଓ ବିକାଶ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ପ୍ରତିଭାଧାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଙ୍ଗଠନର ପ୍ରତିଷ୍ଠାତା ନରୋତ୍ତମ ଦାସ ବିବରଣୀ ପାଠ କରିଥିଲେ। ସଭାପତି ପ୍ରମିଳା ଓଝା, କିରଣବାଳା ନାୟକ, ଅଶୋକ ଦାସ, ପୁନମ୍ ମଲ୍ଲିକ ଓ ଗୋବିନ୍ଦ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସିଡିଏଠାରେ ଶିଳାନ୍ୟାସ କାର୍ଯ୍ୟକ୍ରମ

**କଟକ ଅଫିସ, ୧୭।୧୨:** ସିଡିଏ ଇପ୍‌ସାର କଲେଜ ନିକଟରେ ରାଜ୍ୟ ଅବକାରୀ ଓ ଗୁଇନ୍ଦା ବଳବତ୍ତକରଣ ସଂସ୍ଥା-୧ର ନୂତନ କାର୍ଯ୍ୟାଳୟ ଗୃହର ଶିଳାନ୍ୟାସ ସୋମବାର ରାଜ୍ୟ ଅବକାରୀ ଆୟୁକ୍ତ ଦେବେନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ୩ କୋଟି ୧୩ ଲକ୍ଷ ୮୭ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ଗୃହ ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣ କରାଯିବ। ଅନ୍ୟ ରାଜ୍ୟ ଭଳି ଏଠାରେ ଅବକାରୀ ଭବନ ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି ବୋଲି ମହାପାତ୍ର କହିଛନ୍ତି।

### ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବଣ୍ଟନ

**ଚୌଦ୍ୱାର, ୧୭।୧୨ (ଡି.ଏନ୍.ଏ.) :** ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ସତ୍ୟନାରାୟଣ ମନ୍ଦିର ପରିସରରେ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକମାନଙ୍କୁ ସୋମବାର ପରିଚୟ ପତ୍ର ବଣ୍ଟନ କରାଯାଇଛି। ପୂର୍ବତନ କାଉନସିଲର ଦିଲ୍ଲୀପ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ବିଜୁ ନିର୍ମାଣ ଶ୍ରମିକ ସଙ୍ଗଠନର ସଂଯୋଜକ ଶିଶିର କୁମାର ପରିଡା, ରଶ୍ମିତା ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ୧୮୮ଜଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ। ଅମୂଲ୍ୟ ବେହେରା, ମିନତି ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ରେଭେନ୍‌ଶା ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କଟକ ଜିଲାସ୍ତରୀୟ ବିଜ୍ଞାନମେଳାରେ ଜଣେ ଛାତ୍ରୀ ପ୍ରକଳ୍ପ ବିଷୟରେ ବୁଝାଉଛନ୍ତି।

# ପଞ୍ଚାୟତ ପୋଖରୀ ବିବାଦର ତଦନ୍ତ

**କଟକ ସଦର, ୧୭।୧୨(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅଧୀନ ଆୟତ୍ତପୁର ପଞ୍ଚାୟତ ପୋଖରୀ ଖୋଳାକୁ ନେଇ ଏକ ବର୍ଷ ହେବ ବିବାଦ ଦେଖାଦେଇଛି। ୨୦୧୮ ମସିହାରେ ଚତୁର୍ଦ୍ଦଶ ଅର୍ଥ କମିଶନଙ୍କ ଅନୁଦାନ ୫ ଲକ୍ଷ ଟଙ୍କା ବ୍ୟୟରେ ଦଣ୍ଡୁଆସିପଡା ମୌଜାରେ ପୋଖରୀ ଖନନ କରାଯାଇଥିଲା। ଏହି ପୋଖରୀ ଘରୋଇ ଜାଗାରେ ଥିବା ଅଭିଯୋଗ ହେବା ପରେ କଟକ ସଦର ବିଡିଓ ବିଲ୍ ପଇଠକୁ ବନ୍ଦ କରିଦେଇଥିଲେ। କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲଙ୍କ ନିର୍ଦ୍ଦେଶକ୍ରମେ ପୋଖରୀ ବିବାଦର ତଦନ୍ତ ଆରମ୍ଭ ହୋଇଛି। କଟକ ସଦର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ କନ୍ଦରପୁର ସର୍କଲ ରାଜସ୍ୱ ନିରୀକ୍ଷକ ଓ ଅମିନ ପୋଖରୀକୁ ମାପଚୁପ କରିଥିଲେ। ମାପଚୁପ ବେଳେ ଏହି ପୋଖରୀ ସରକାରୀ ଜାଗାରେ ଥିବା ଜଣାପଡିଥିଲା। ଏ ସମ୍ପର୍କିତ ରିପୋର୍ଟ ବିଡିଓଙ୍କୁ ଦିଆଯିବା ପରେ ବିବାଦର ଅନ୍ତ ଘଟିବ ବୋଲି ସରପଞ୍ଚ କାନନ କୁମାରୀ ସାହୁ କହିଛନ୍ତି। ବିବାଦ ଯୋଗୁ ୨୦୧୮-୧୯ ଆର୍ଥିକ ବର୍ଷରେ ପୋଖରୀକୁ ନିଲାମ କରାଯାଇପାରିଲା ନାହିଁ ବୋଲି ସରପଞ୍ଚ ସାହୁ କହିଛନ୍ତି।

# ସ୍ୱାଧୀନତା ସଂଗ୍ରାମୀ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ

**କଟକ ସଦର, ୧୭।୧୨(ଡି.ଏନ୍.ଏ.)** ଓଡ଼ିଶାର ପ୍ରଥମ ରାଜବନ୍ଦୀ, ସ୍ୱାଧୀନତା ସଂଗ୍ରାମୀ ଓ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାଜକୃଷ୍ଣ ବୋଷଙ୍କ ଜୟନ୍ତୀ ସୋମବାର କିଶୋର ନଗରଠାରେ ପାଳିତ ହୋଇଛି। ସ୍ଥାନୀୟ ଅଟୋଷ୍ଟାଣ୍ଡ ନିକଟରେ ଥିବା ବୋଷଙ୍କ ପ୍ରତିମୂର୍ତ୍ତିରେ ସକାଳେ କଟକ ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, ଭାଜପା ନେତା ଦିଲ୍ଲୀପ ମଲ୍ଲିକଙ୍କ ସମେତ କିଶନନଗର ବିକାଶ ମଞ୍ଚର କର୍ମକର୍ତ୍ତାମାନେ ମାଲ୍ୟାର୍ପଣ କରିଥିଲେ। ୧୯୫୭ରେ ବୋଷ ରାଜ୍ୟ କ୍ୟାବିନେଟ୍‌ରେ ଥିବାବେଳେ ପୁରୀ କେନାଲ ଓ ବୋଷ କେନାଲର ଶୁଭାରମ୍ଭ କରାଇଥିଲେ। ଏହାଛଡା ଗୋପାଳନ ପ୍ରୋତ୍ସାହନ ପାଇଁ ଗୋମଙ୍ଗଳ ସମିତି ସ୍ଥାପନା, କଟକ କୁଷ୍ଠାଶ୍ରମ ଓ ରାଷ୍ଟ୍ରଭାଷା ପ୍ରଚାର ସମିତି ମାଧ୍ୟମରେ ହୀନ୍ଦିଭାଷାର ପ୍ରଚଳନ ଉପରେ ଗୁରୁତ୍ୱ ଦେଇଥିଲେ। ଏଭଳି ବ୍ୟକ୍ତିଙ୍କ ଜୟନ୍ତୀ ସମାରୋହ ସରକାରୀସ୍ତରରେ ପାଳନ, ବିଧାନସଭା ପରିସରରେ ପ୍ରତିମୂର୍ତ୍ତି ସ୍ଥାପନା ପାଇଁ କିଶୋର ନଗର ଅଞ୍ଚଳର ସଚେତନ ନାଗରିକଙ୍କ ପକ୍ଷରୁ ଦାବି ହେଉଛି।

# କ୍ରିଏଟିଭ୍ ପବ୍ଲିକ୍ ସ୍କୁଲ୍‌ରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଚୌଦ୍ୱାର, ୧୭।୧୨ (ଡି.ଏନ୍.ଏ.)** ଚୌଦ୍ୱାର ପୌରପାଳିକା ୧୭ନଂ. ୱାର୍ଡ ସ୍ଥିତ କ୍ରିଏଟିଭ୍ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ତାରିଣୀ ମନ୍ଦିରରୁ କ୍ରୀଡା ଜ୍ୟୋତି ଆଣି ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ସହର ପରିକ୍ରମା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିଲେ। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷ କିଶୋର କୁମାର ସାହୁ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କଲ୍ୟାଣୀ ମିଶ୍ର, ଅରୁଣ ସାହୁ, କେଦାର ଜେନା, ତପସ୍ୱିନୀ ବାରିକ କ୍ରୀଡା ପରିଚାଳନା କରିଥିଲେ।

# ସନ୍ଥ ବାହୁଡା ଦାସ ଭୋଇ ସମାଜ ବିକାଶ ପରିଷଦର ପ୍ରସ୍ତୁତି ବୈଠକ

**ଫୁଲନଖରା, ୧୭।୧୨(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅଧୀନ ବ୍ରାହ୍ମଣଝରିଲୋ କୁଶକଣ୍ଠାଠାରେ ସନ୍ଥ ବାହୁଡା ଦାସ ଭୋଇ ସମାଜ ବିକାଶ ପରିଷଦର ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ସଭାପତି ଗିରିଶ ନାୟକ ଅଧ୍ୟକ୍ଷତା କରିଥିଲେ। ଆସନ୍ତା ଜାନୁୟାରୀ ୧୬ ତାରିଖରେ ସନ୍ଥ ବାହୁଡା ଦାସଙ୍କ ବାର୍ଷିକ ଉତ୍ସବ ପାଳନକୁ ଶାନ୍ତିଶୃଙ୍ଖଳାର ସହ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ଉତ୍ସବରେ କଟକ ସଦର, ବାରଙ୍ଗ, କଣ୍ଠାପଡା, ନିଆଳି ଓ ଜଗତ୍‌ସିଂହପୁର ଅଞ୍ଚଳରୁ ଭୋଇ ସମାଜର ସଦସ୍ୟମାନେ ଯୋଗଦେବେ। ଏହି ବୈଠକରେ ସମ୍ପାଦକ ଅତୁଲ୍ୟ ନାୟକ, ଲକ୍ଷ୍ମୀଧର ଭୋଇ, ମନୁ ଭୋଇ, କ୍ଷୀରୋଦ କୁମାର ଭୋଇଙ୍କ ସମେତ ବହୁ ସଦସ୍ୟ ଯୋଗଦେଇଥିଲେ।

# ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ



ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

**କଟକ ଅଫିସ, ୧୭।୧୨**

କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିଧାଣି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏସ୍‌ସିବି ମେଡିକାଲ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାପତି ଡା. ରବି ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବଡ଼ ମେଡ଼ିକାଲର ଅଧୀକ୍ଷକ ପ୍ରଫେସର ଡା. ପ୍ରସନ୍ନ କୁମାର ଦେବତା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଓଡ଼ିଶାର ଶିକ୍ଷା, ସଂସ୍କୃତି ଓ କଳାର ବିକାଶ ଦିଗରେ ମହାରାଜାଙ୍କ ଅବଦାନ ଅବିସ୍ମରଣୀୟ। ଅଶ୍ୱିନୀ ସେଠୀ, ବନଲତା ସିଂ, ଉତ୍ତମ ପ୍ରଧାନ, ଗଗନ ମେହେର, ଭୁବନାନନ୍ଦ ମହାନ୍ତି, ବିଦ୍ୟୁତ ଲାଲା, ସୁରେନ୍ଦ୍ର ନାଥ ଛୋଟରାୟ, ରବୀନ୍ଦ୍ର ମହାନ୍ତି, ଭିକାରୀ ମିଶ୍ରଙ୍କ ସହ ଅନ୍ୟମାନେ ଆଲୋଚନାରେ ଭାଗ ନେଇଥିଲେ। ସମ୍ପାଦକ ଶ୍ୟାମସୁନ୍ଦର ସାହୁ ଧନ୍ୟବାଦ ଦେଇଥିଲେ।

# ଏକକ ଭଜନ ପ୍ରତିଯୋଗିତା

**କଟକ ଅଫିସ,୧୭।୧୨**

ନିଖିଳ ଉତ୍କଳ ସଙ୍ଗୀତ ଶିଳ୍ପୀ ପରିଷଦର ବାର୍ଷିକ ଏକକ ଭକ୍ତି ସଙ୍ଗୀତ ପ୍ରତିଯୋଗିତା ରବିବାର ସ୍ଥାନୀୟ କଳାବିକାଶ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସାଧାରଣ ସମ୍ପାଦକ ସୁରେନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଏକକ ଭକ୍ତିଗୀତ ପରିବେଷଣ କରିଥିଲେ। ସଙ୍ଗୀତଜ୍ଞ ଦୀପକ କୁମାର କର ଓ ପରମାନନ୍ଦ ସାହୁ ଏଥିରେ ବିଚାରକ ଭାବେ ଯୋଗଦେଇଥିବାବେଳେ ଅନନ୍ତ ମିଶ୍ର ଓ ରଚିତା ସାହୁ ସଂଯୋଜନା କରିଥିଲେ। ସୁକାନ୍ତ ସାହୁ ଓ ଯୁଧିଷ୍ଠିର ପତ୍ରି ବାଦ୍ୟଯନ୍ତ୍ରରେ ସହାୟତା କରିଥିଲେ। ପରିଷଦର କାର୍ଯ୍ୟକାରୀ କମିଟି ସଦସ୍ୟ ଶରତ ମିଶ୍ର, ରାଧାମୋହନ ସାହୁ, ନୀରଦ ଚନ୍ଦ୍ର ଆର୍ଯ୍ୟ, ଆରତି ମହାନ୍ତି, ଗୀତା ଖୁଣ୍ଟିଆ, ଦୀପକ ସାହୁ, ବିଚିତ୍ରାନନ୍ଦ ପଣ୍ଡା ପ୍ରମୁଖ ସହାୟତା କରିଥିଲେ। କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ରଥ ଧନ୍ୟବାଦ ଦେଇଥିଲେ।

# ୧୯୯୦ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

**କଟକ ଅଫିସ, ୧୭।୧୨**

ସ୍ଥାନୀୟ ଏକ ହୋଟେଲ ପରିସରରେ ଜାତୀୟ କବି ବୀରକିଶୋର ସରକାରୀ ମହାବିଦ୍ୟାଳୟ ୧୯୯୦ ବ୍ୟାଚ୍‌ର ଛାତ୍ରମାନଙ୍କର ବନ୍ଧୁମିଳନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଆଡଭୋକେଟ ବିକାଶ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମସ୍ତ ପୁରାତନ ବନ୍ଧୁମାନେ ଏକତ୍ରିତ ହୋଇ ନିଜ କଲେଜ ଜୀବନର ଅନୁଭୂତି ବ୍ୟକ୍ତ କରିଥିଲେ। ପ୍ରତିବର୍ଷ ଏପରି ବନ୍ଧୁମିଳନ କରିବା ସହ ଜାତୀୟ କବି ବୀରକିଶୋର ମହାବିଦ୍ୟାଳୟର ଉନ୍ନତି ପାଇଁ ସହଯୋଗ କରିବାର ପ୍ରସ୍ତାବ ଆଗତ କରାଯାଇଥିଲା। ଏହି ବନ୍ଧୁମିଳନରେ ଡ. ଜ୍ୟୋତିପ୍ରକାଶ ସାମନ୍ତରାୟ, ଶ୍ରାବଣୀ ପରିଜା, ଜ୍ୟୋତିକାନ୍ତ ମହାପାତ୍ର ଓ ଶ୍ରୀମନ୍ତିନୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ବିପଦବନ୍ଧୁ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଉପସ୍ଥିତ ବନ୍ଧୁମାନଙ୍କୁ ପୋଲିସ ଅଧିକାରୀ ବିକାଶ ବେଉରିଆ ଓ ଅତିରିକ୍ତ ତହସିଲଦାର ଅଜୟ କୁମାର ମହାନ୍ତି ଦୁର୍ଘଟଣାମୁକ୍ତ ସମାଜ ସୃଷ୍ଟି ପାଇଁ ସଚେତନ କରାଇଥିଲେ। ସୁଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ଉମାକାନ୍ତ ସାହୁ, ତୁଷାର ମହାନ୍ତି, ବିଶ୍ୱଜିତ ଖଟୁଆ ସଭା ପରିଚାଳନା କରିଥିଲେ।

# କଳ୍ପନା ସାହିତ୍ୟ, ସାଂସ୍କୃତିକ, ସାମାଜିକ ପରିଷଦର ତ୍ରୟୋଦଶ ପ୍ରତିଭା ସମ୍ମାନ ଉତ୍ସବ

**କଟକ ଅଫିସ, ୧୭।୧୨**

ରାଜ୍ୟର ଅଗ୍ରଣୀ ସାହିତ୍ୟ, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ 'କଳ୍ପନା ସାହିତ୍ୟ, ସାଂସ୍କୃତିକ ଓ ସାମାଜିକ ପରିଷଦର ତ୍ରୟୋଦଶ ପ୍ରତିଭା ସମ୍ମାନ ଉତ୍ସବ ରବିବାର ସ୍ଥାନୀୟ ଶତାବ୍ଦୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିଷଦର ସଙ୍କଳନ ବୀଥିକାର ଉନ୍ମୋଚନ ହୋଇଥିଲା। ପ୍ରାଧ୍ୟାପକ ଉମାଶଙ୍କର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରଥମ ଅଧିବେଶନକୁ ଖଡ଼ିଆଳ ସାହିତ୍ୟ ସଂସଦର ମୁଖ୍ୟ ପୁରୋଧା ତଥା ସୁସାହିତ୍ୟିକ ନୀଳଲୋହିତ ସିଂହଦେଓ ଉଦ୍‌ଘାଟନ କରିଥିଲେ। ସେହିପରି ପ୍ରଫେସର ଡା. ପ୍ରସନ୍ନ କୁମାର ରାଠୋରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନକୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. କମଳକାନ୍ତ ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଗୋପାଳ ଚନ୍ଦ୍ର ନନ୍ଦ ଯୋଗଦେଇ ସାହିତ୍ୟ ଓ ସାହିତ୍ୟିକଙ୍କ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସମ୍ପାଦକ ଇଂ. ପ୍ରଭାକର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ଗୋପାଳ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଓ ମୁଖ୍ୟ ସମ୍ପାଦିକା ମନୋଜ ମଞ୍ଜରୀ ଦେଓ ବିବରଣୀ ପାଠ କରିଥିଲେ।




ଅଲ ଇଣ୍ଡିଆ ପୋଷ୍ଟାଲ ଆଣ୍ଡ ଆରଏମ୍‌ଏସ୍ ପେନସନର୍ସ ଆସୋସିଏଶନ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସୋମବାର ବକ୍ସିବଜାରସ୍ଥିତ ଜିପିଓ ରିକ୍ରେସନ କ୍ଲବରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ବିଧବା, ବୃଦ୍ଧା ଓ ଭିନ୍ନକ୍ଷମଙ୍କୁ ମିଳୁନି ଭତ୍ତା

**ସାଲେପୁର,୧୭।୧୨(ଡି.ଏନ.ଏ.)**

ସରକାର ବିଧବା, ଭିନ୍ନକ୍ଷମ ଓ ବୃଦ୍ଧାବୃଦ୍ଧ ଆଦିଙ୍କ ପାଇଁ ଭତ୍ତା ଯୋଜନା କରିଛନ୍ତି। ହେଲେ ତାହା ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚ ପାରୁନାହିଁ। ଯାହାର ଉଦାହରଣ ଦେଖିବାକୁ ମିଳିଛି, ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ପଞ୍ଚାୟତର ବାହାରପଡ଼ା ଗ୍ରାମରେ। ଉକ୍ତ ଗ୍ରାମର ସକୁନ୍ତଳା ସାହୁଙ୍କ ସ୍ୱାମୀ ଗୌରାଙ୍ଗଙ୍କ ପ୍ରାୟ ୧୪ବର୍ଷ ତଳୁ ମୃତ୍ୟୁ ହେଲାଣି। ହେଲେ ପ୍ରଶାସନ ପକ୍ଷରୁ ଏ ପର୍ଯ୍ୟନ୍ତ ସକୁନ୍ତଳାଙ୍କୁ ବିଧବା ଭତ୍ତା ଦିଆଯାଇନାହିଁ। ସେ ଅନେକ ଥର ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ୍ କାର୍ଯ୍ୟାଳୟକୁ ଯାଇ ଗୁହାରି କରିଥିଲେ ମଧ୍ୟ କେହି ତାଙ୍କ କଥା ଶୁଣୁନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ସରକାର ଗରିବ ଲୋକଙ୍କୁ ସାହାଯ୍ୟ କରୁଛନ୍ତି ବୋଲି କହୁଛନ୍ତି। ହେଲେ ମୁଁ ଦୀର୍ଘଦିନ ହେବ ଦୌଡୁଥିଲେ ମଧ୍ୟ ମୋତେ କେହି ସହାୟତା କରୁନାହାନ୍ତି, କାହା ପାଇଁ ସରକାର ଏହି ଯୋଜନା କରିଛନ୍ତି। ସେହିପରି ଉକ୍ତ ଗ୍ରାମର ଉର୍ମିଳା ପାତ୍ରଙ୍କ ସ୍ୱାମୀ ଗଗନଙ୍କ ପ୍ରାୟ ୪ବର୍ଷ ତଳେ ମୃତ୍ୟୁ ହୋଇଛି। ହେଲେ ଉର୍ମିଳାଙ୍କୁ ମଧ୍ୟ ବିଧବା ଭତ୍ତା ଯୋଜନାରେ ସାମିଲ କରାଯାଇନାହିଁ। ଉର୍ମିଳାଙ୍କ ଏକମାତ୍ର ଝିଅ ବାହା ହୋଇଯାଇଥିବା ବେଳେ ଆଉ କେହି ନାହାନ୍ତି। ଫଳରେ ସେ ବହୁ ଅସୁବିଧାରେ ଦିନ କାଟୁଛନ୍ତି। ଉର୍ମିଳା ଅନେକଥର ପ୍ରଶାସନ ନିକଟରେ ଭତ୍ତା ପାଇଁ ଆବେଦନ କରିଛନ୍ତି। ସବୁଥର କେବଳ ଭତ୍ତା ମିଳିବାର ପ୍ରତିଶ୍ରୁତି ମିଳୁଛି। ହେଲେ କେବେ ମିଳୁନାହିଁ ବୋଲି ସେ କହିଛନ୍ତି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତାଙ୍କ ପ୍ରତି ଦୃଷ୍ଟିଦେବାକୁ ସେ ନିବେଦନ କରିଛନ୍ତି। ସେହିପରି ବାହାରପଡ଼ା ଗ୍ରାମର ମଧୁସୂଦନ ସାହୁଙ୍କ ୨ବର୍ଷ ତଳୁ ମୃତ୍ୟୁ ଘଟିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କ ସ୍ତ୍ରୀ ପ୍ରମିଳାଙ୍କୁ ବିଧବା ଭତ୍ତା ଯୋଜନାରେ ସାମିଲ୍ କରାଯାଇନାହିଁ। ଗ୍ରାମର ବଂଶୀଧର ନାୟକଙ୍କ ୪ବର୍ଷ ତଳେ ମୃତ୍ୟୁ ଘଟିଥିଲେ ମଧ୍ୟ ତାଙ୍କ ବିଧବା ସ୍ତ୍ରୀ ନୟନାଙ୍କୁ ଭତ୍ତା ଯୋଜନାରେ ସାମିଲ୍ କରାଯାଇନାହିଁ। ସେହିପରି ଗ୍ରାମର ଭିନ୍ନକ୍ଷମ ବୃଦ୍ଧା ସର ଦେଈ ଅନେକ ଥର ଭିନ୍ନକ୍ଷମ ଯୋଜନାରେ ଭତ୍ତାପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ସାମିଲ୍ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଗ୍ରାମର ମଥୁରା ଦାସଙ୍କୁ ୬୫ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଭତ୍ତା ପ୍ରଦାନ କରାଯାଇନାହିଁ। ଶିଶୁଆ ପଞ୍ଚାୟତ ସମେତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଭତ୍ତା ଯୋଜନାରୁ ବହୁ ବୃଦ୍ଧ, ବୃଦ୍ଧା ଓ ବିଧବା ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଜିଲା ପ୍ରଶାସନ ନିରପେକ୍ଷ ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ଶିବବ୍ରତ ଘୋଷ କହିଛନ୍ତି, ଭତ୍ତା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ୍ ଦିଆଯିବ ନାହିଁ। ଯଦି କେହି ଆବେଦନ କରିଥିବେ ତଦନ୍ତ କରଯାଇ ସପ୍ତାହେ ମଧ୍ୟରେ ସେମାନଙ୍କୁ ଭତ୍ତା ପ୍ରଦାନ କରାଯିବ।



ଉର୍ମିଳା ପାତ୍ର।

**ସାଲେପୁର ବ୍ଲକ**
■ ଅନେକ ଥର ଆବେଦନ ପରେ ବି କେହି ଶୁଣୁନାହାନ୍ତି
■ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି



ଅହଂକାରୀ ଲୋକ ଅନ୍ୟର ପରାମର୍ଶ ଗ୍ରହଣ କରେନାହିଁ। କାରଣ ସେ ସବୁକିଛି ଜାଣିଛି ବୋଲି ଧରିନେଇଥାଏ।
- ସକ୍ରେଟିସ



## ସଂକ୍ଷେପରେ

### ଜେଏମ୍ଏଫ୍‌ସି କୋର୍ଟ ଖୋଲିବାରେ ବିଳମ୍ବ

**ଖୋର୍ଦ୍ଧା ଅଫିସ/ ବୋଲଗଡ,୧୭।୧୨(ଡି.ଏନ.ଏ.):** ରାଜ୍ୟ ସରକାର ବୋଲଗଡଠାରେ ଏକ ଜେଏମ୍ଏଫସି କୋର୍ଟ ପ୍ରତିଷ୍ଠା କରିବାକୁ ଘୋଷଣା କରିବା ସହ ଅର୍ଥ ମଞ୍ଜୁର କରି ସାରିଛନ୍ତି। ଏ ନେଇ ବୋଲଗଡ ତହସିଲ ପକ୍ଷରୁ ମଧ ସ୍ଥାନ ଯୋଗାଇ ଦିଆଯାଇଛି। ମାତ୍ର ଜେଏମ୍ଏଫସି କୋର୍ଟର ନୂତନ ଗୃହ ନିର୍ମାଣ କରାଯାଉନାହିଁ। ଗୃହ ନିର୍ମାଣ ହେବା ପର୍ଯ୍ୟନ୍ତ ବୋଲଗଡ ପଞ୍ଚାୟତ କାର୍ଯ୍ୟାଳୟ କାର୍ଯ୍ୟ କରୁ ବୋଲି ସ୍ଥାନୀୟ ଓକିଲ ସଂଘ, ବୃଦ୍ଧିଜୀବୀ ଓ ସାଧାରଣରେ ଦାବି କରାଯାଇଛି। ଏ ନେଇ ପଞ୍ଚାୟତରେ ପ୍ରସ୍ତାବ ଗ୍ରହଣ କରାଯାଇ ଏସ୍‌ଡିଜେଏମ୍ ଓ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ତେବେ କୋର୍ଟ ପ୍ରତିଷ୍ଠାରେ ବିଳମ୍ବ ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

### ଭାଗବତ ପାରାୟଣ

**ଖୋର୍ଦ୍ଧା ଅଫିସ,୧୭।୧୨:** ବାଣପୁର ବ୍ଲକ ହଳନ୍ଦା ସନ୍ନିକଟ ମଠପଥର ପାହାଡର ଶ୍ରୀରାଧାମୋହନ ଦେବଙ୍କ ପୀଠରେ ସପ୍ତାହ ବ୍ୟାପୀ ଶ୍ରୀମଦ୍ ଭାଗବତ ପଠନ, ପ୍ରବଚନ, ରୁକ୍ମିଣୀ ଶ୍ରୀକୃଷ୍ଣ ବିବାହ, ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ୟାସ ମହନ୍ତ ରାମକୃଷ୍ଣ ଦାସ, ଲାଲମୋହନ ଦାସ, ରଘୁନାଥ ଦାସ, କୃପାସିନ୍ଧୁ ଦାସ, ବିରୂପାକ୍ଷ ଦାସ ପ୍ରମୁଖ ଉତ୍ସବରେ ଯୋଗଦେଇ ପ୍ରବଚନ ଦେଇଥିଲେ।

### ବର୍ଷାକୁ ନେଇ ଚାଷୀ ଚିନ୍ତିତ

**ବାଲୁଗାଁ,୧୭।୧୨।(ଡି.ଏନ.ଏ.):** ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ବର୍ଷା ଯୋଗୁ ବାଲୁଗାଁ-ବାଣପୁର ଅଞ୍ଚଳର ଚାଷୀମାନେ ଚିନ୍ତିତ ପଡ଼ିଛନ୍ତି। ବର୍ଷା ହେଲେ ସେମାନଙ୍କ ବର୍ଷକର ଆହାର ଧାନ ଫସଲ ନଷ୍ଟ ହୋଇଯିବ। ସମ୍ପ୍ରତି ବାଲୁଗାଁ, ବାଣପୁର ଓ ଚିଲିକା ଅଞ୍ଚଳର କିଛି ଚାଷୀ ଧାନ କାଟି ଖଳାକୁ ଆଣି ଅମଳ କରୁଛନ୍ତି। କେତେଜଣ ଚାଷୀଙ୍କ ଜମିରେ ଧାନ କାଟି ପକାଇ ଥିବାବେଳେ ଆଉ ଅନ୍ୟ ଚାଷୀମାନେ ଧାନ କାଟୁଛନ୍ତି। ଏପରିସ୍ଥଳେ ଅଦିନିଆ ଲଘୁଚାପ ବର୍ଷା ସେମାନଙ୍କ ଆଖିରୁ ନିଦ ହଜାଇ ଦେଇଛି। ତେଣୁ ସେମାନଙ୍କ ମଧ୍ୟରୁ କେତେଜଣ ତରବରିଆ ଭାବେ ଧାନକାଟି ଖଳାକୁ ଆଣୁଛନ୍ତି ତ ଆଉ କେତେକ ଜମିରେ ଧାନ ବିଡ଼ା ବାନ୍ଧି ଗଦା ମାରି ଦେଉଛନ୍ତି। ସୋମବାର ଏଠାରେ ଆକାଶ ମେଘାଚ୍ଛନ୍ନ ସାଙ୍ଗକୁ ଝିପିଝିପି ବର୍ଷା ଲାଗି ରହିଛି।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ବାଲୁଗାଁ,୧୭।୧୨(ଡି.ଏନ.ଏ.):** ବାଲୁଗାଁ ସ୍ଥିତ କାଳିଯାଇ ମତ୍ସ୍ୟ ବ୍ୟବସାୟୀ ସଂଘର ସଭାପତି ଜୟନ୍ତ କୁମାର ସ୍ୱାଇଁଙ୍କ ମାଆ ସତ୍ୟଭାମା ସ୍ୱାଇଁ(୭୫)ଙ୍କର ରବିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ହୋଇଯାଇଛି । ସତ୍ୟଭାମା ଜଣେ ଧର୍ମପରାୟଣା, ପରୋପକାରୀ ଓ କର୍ତ୍ତବ୍ୟନିଷ୍ଠା ମହିଳା ଥିବାରୁ ତାଙ୍କର ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ବାଲୁଗାଁ ସ୍ଥିତ ରାମପୁର ଗ୍ରାମରେ ତାଙ୍କର ମୃତଦେହ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା ।

# ପାହାଡ ତଳେ ୪୨ ଆଦିବାସୀ ପରିବାର

ବୋଲଗଡ଼,୧୭।୧୨
(ମନୋରଞ୍ଜନ ମିଶ୍ର)

ରାସ୍ତା, ପାନୀୟଜଳ ପାଲଟିଛି ସାତସପନ



ଖୁର ପାହାଡ ତଳେ ରହୁଥିବା ଆଦିବାସୀ ପରିବାର।

ଗ୍ରାମାଞ୍ଚଳର ବିକାଶ, ଗରିବ ଓ ଆଦିବାସୀଙ୍କ ଜୀବନ ଧାରଣ ମାନରେ ଉନ୍ନତି ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ବହୁ ଯୋଜନା କରିଛନ୍ତି। ଏହାକୁ କାର୍ଯ୍ୟକାରୀ କରିବାରେ ଉଦାସୀନତା ଏବଂ ତଦାରଖ ଅଭାବରୁ ଏସବୁର ସଫଳ ରୂପାୟନ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ସାଗରଗାଁ ପଞ୍ଚାୟତସ୍ଥ କୃଷ୍ଣପୁର ମୌଜାର ପାହାଡ ତଳେ ରହୁଥିବା ୪୨ ଆଦିବାସୀ ପରିବାରଙ୍କୁ ଦେଖିଲେ ଏହା ଜଣାପଡ଼େ। ଏଠାରେ ରାସ୍ତା ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ସାତସପନ ପାଲଟିଛି। ଶଅର ଏବଂ ସବର ଜାତିର ଆଦିବାସୀମାନେ ଏଠାରେ ରହୁଥିଲେ ମଧ ଜାତି ପ୍ରମାଣପତ୍ର ପାଇନାହାନ୍ତି। ସ୍ଥାନାଭାବ ସମସ୍ୟା ନେଇ ୨୦ ବର୍ଷ ତଳେ ଏମାନେ ମୂଳ ଗ୍ରାମ ଜରିପଡ଼ାରୁ ୨ କିମି ଦୂର ପାହାଡ ତଳକୁ ଆସି ଝାଟିମାଟି କୁଡିଆରେ ଦିନ ବିତାଉଛନ୍ତି। ଗ୍ରାମଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଥିବାରୁ ସରକାରୀ ସୁବିଧା ଓ ସୁଯୋଗରୁ ବଞ୍ଚିତ ସହ ପଛୁଆ ଅଞ୍ଚଳ ଭାବେ ପରିଚିତ। କପାମାଳ ଅଞ୍ଚଳ ଗୋଜା ମୁଣ୍ଡିଆ ପାହାଡ଼ ତଳେ ରହୁଛନ୍ତି ୭ ଆଦିବାସୀ ପରିବାର। ଏଠାରେ ଥିବା ଏକମାତ୍ର ନଳକୂପର ଜଳ ଲୌହଗନ୍ଧଯୁକ୍ତ, ଫ୍ଲୋରାଇଡ୍ ମିଶ୍ରିତ। ତେଣୁ ଲୋକେ ଏହାକୁ ବ୍ୟବହାର ନ କରି କୂଅ ଖୋଳି ପାନୀୟଜଳ ବ୍ୟବହାର କରୁଛନ୍ତି ବୋଲି ଜହ୍ନ ନାୟକ କହିଛନ୍ତି। ଏହାର ଅଧା କିମି ଦୂରରେ ଖୁର ମୁଣ୍ଡିଆ ତଳେ ୧୮ ଆଦିବାସୀ ପରିବାର ରହୁଛନ୍ତି। କିଛି ଦୂରରେ ପଡ଼େ ପାଟବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ। ଏହି ଅଞ୍ଚଳରେ ରହୁଛନ୍ତି ୯ ଆଦିବାସୀ ପରିବାର। ନିକଟସ୍ଥ ସଙ୍ଗନାଦିଆ ସାହିରେ ମଧ ୮ ଆଦିବାସୀ ପରିବାର ବସବାସ କରୁଛନ୍ତି। ଏଠାରେ ରାସ୍ତାଘାଟ ଓ ପାନୀୟ ଜଳର ଘୋର ଅଭାବ। ଅଙ୍ଗନୱାଡି କେନ୍ଦ୍ର ନ ଥିବାବେଳେ ଏକମାତ୍ର ପ୍ରାଥମିକ ବିଦ୍ୟାଳୟକୁ ବିଦ୍ୟୁତ୍ ସଂଯୋଗ ନାହିଁ। ବର୍ଷା ଦିନରେ ରାସ୍ତାଟି ସମ୍ପୂର୍ଣ୍ଣ ଅନୁପଯୋଗୀ ହୋଇପଡ଼େ। ଡାକ୍ତରଖାନା ଯିବାକୁ ଖଟିଆ ହିଁ ଏକମାତ୍ର ଭରସା ବୋଲି ଗୌରାଙ୍ଗ ସ୍ୱାଇଁ କହିଛନ୍ତି। ଦୂରରେ ଥିବା ଯୋଗୁ ପାଟବନ୍ଧସ୍ଥିତ ଅଙ୍ଗନୱାଡି କେନ୍ଦ୍ରକୁ ପିଲାମାନେ ସବୁବେଳେ ଯାଇପାରନ୍ତି ନାହିଁ ବୋଲି କୁହନ୍ତି ମୁନା ଜେନା। ଏଠାରେ ମଧ କୂଅ ଖୋଳି ଲୋକେ ପାନୀୟଜଳ ସଂଗ୍ରହ କରୁଛନ୍ତି। ଦୈନିକ ମୂଲ ନ ଲାଗିଲେ ଆୟର ଅନ୍ୟ କୌଣସି ମାଧ୍ୟମ ନାହିଁ। ତେଣୁ ଜୀବନ ବିତାଇବା ଏହି ଆଦିବାସୀଙ୍କ ପାଇଁ ଜଟିଳ ହୋଇପଡ଼ିଛି। ସ୍ଥାନୀୟ ଆଦିବାସୀ ଏମ୍‌ଜିଏନ୍‌ଆରଇଜିଏସ୍, ଜାତି ପ୍ରମାଣପତ୍ର ଓ ବିଭିନ୍ନ ସରକାରୀ ସୁବିଧାରୁ ଦୀର୍ଘଦିନ ଧରି ବଞ୍ଚିତ ହୋଇଆସୁଛନ୍ତି। ଏମାନେ ନିଜର ସର୍ବନିମ୍ନ ମୌଳିକ ସୁବିଧା ପାଇବା ପାଇଁ ବାରମ୍ବାର ଦାବି କରି ଆସୁଛନ୍ତି। ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧିଙ୍କୁ ଏ ବିଷୟରେ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁ ନାହିଁ ବୋଲି ସାମାଜିକ କର୍ମୀ ସୁଦର୍ଶନ ଦେବତା କହିଛନ୍ତି। ଏ ସମ୍ପର୍କରେ ବିଡିଓ ମଧୁସୂଦନ ବେହେରାଙ୍କୁ ପଚାରିବାରେ କୃଷ୍ଣପୁର ଅଞ୍ଚଳ ପାହାଡ ତଳେ ଥିବା ଆଦିବାସୀ ବସତି ପାଇଁ ଆସନ୍ତା ଖରାଦିନରେ ପାନୀୟଜଳ ବ୍ୟବସ୍ଥା ସହ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ। ପୂର୍ବତନ ସମିତି ସଭ୍ୟ ତପନ କୁମାର ପ୍ରଧାନ ଆଦିବାସୀଙ୍କ ବିଭିନ୍ନ ଦାବି ନେଇ ବାରମ୍ବାର ସ୍ଥାନୀୟ ପ୍ରଶାସନ ଓ ପଞ୍ଚାୟତସ୍ତରରେ ଜଣାଇ ଆସୁଛନ୍ତି ବୋଲି ସେ କହିଛନ୍ତି।



ଭାଙ୍ଗିଯାଇଥିବା ପାଚେରିରେ ପିଲାମାନେ ଯାଆସ କରୁଛନ୍ତି।

## ଭଙ୍ଗା ପାଚେରି ଦେଇ ଯାଉଛନ୍ତି ଛାତ୍ରୀଛାତ୍ର

**ନିରାକାରପୁର,୧୭।୧୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଏକାଡେମୀ ସ୍କୁଲରେ ଛାତ୍ରୀଛାତ୍ର ବିପଜ୍ଜନକ ଭାବେ ଭଙ୍ଗା ପାଚେରି ଫାଙ୍କ ଦେଇ ଯାତାୟାତ କରୁଥିବା ଅଭିଯୋଗ ହେଉଛି। ଖାଇବା ଛୁଟିରେ ମୁଖ୍ୟ ଫାଟକଟି ଖୋଲା ନ ଯିବାରୁ ପିଲାମାନେ ବାଧ ହୋଇ ପାଚେରି ଡେଇଁ ଯିବାଆସିବା କରୁଛନ୍ତି। ଯଦି କିଛି ପିଲାଙ୍କର ଅଘଟଣ ଘଟେ ତେବେ କିଏ ଦାୟୀ ରହିବ ବୋଲି ବୃଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି। ଟାଙ୍ଗୀ ବ୍ଲକର ଡିଆ, ଭୋଇସାହି, ଭଟସାଇ, କୋଲସାହି, ପାଣ୍ଡବପାଟଣା, ବାଲିଗାଁ, କାଶୀପୁର ଓ କଣାସ ବ୍ଲକର ବିରତୋଇ, ଚନ୍ଦ୍ରମା ପାଟପୁର, ମୁଗୁପଦର ଆଦି ଅଞ୍ଚଳର ପିଲାମାନେ ଏଠାରେ ପଢୁଛନ୍ତି। ଏ ନେଇ ଛାତ୍ରୀଛାତ୍ର କହିଛନ୍ତି, ପଛପଟେ ଗୋଟେ ଖୋଲା ରାସ୍ତା ଅଛି। କିନ୍ତୁ ସେପଟେ ଗଲେ ପ୍ରାୟ ୨ କିମି ଅଧିକ ରାସ୍ତା ଚାଲିବାକୁ ପଡ଼ିବ। ତେଣୁ ବାଧ ହୋଇ ଶୀଘ୍ର ସ୍କୁଲ୍‌ରେ ପହଞ୍ଚିବାକୁ ଆମେ ଏପରି କରୁଛୁ। ପ୍ରଧାନ ଶିକ୍ଷକ ଉଦୟନାଥ ତ୍ରିପାଠୀ କହିଛନ୍ତି, ସରକାର ଏବେ ନିୟମ କରିଛନ୍ତି ଗେଟ୍ ୧୦ରୁ ୪ଟା ମଧ୍ୟରେ ବନ୍ଦ ରହିବ। ତେଣୁ ବେସରକାରୀ ବିଦ୍ୟାଳୟ ଭଳି ଆମ ଛାତ୍ରୀଛାତ୍ରମାନେ ଟିଫିନ୍ ଓ ପାଣି ବୋତଲ ଆଣିବା ଉଚିତ। ଭଙ୍ଗା ପାଚେରି ଫାଙ୍କ ରାସ୍ତାଟିକୁ ଖୁବ୍‌ଶୀଘ୍ର ବନ୍ଦ କରାଯିବ।

## ଜାତୀୟ ରୋଭରରେଞ୍ଜର ସଂହତି ଶିବିର

**ଖୋର୍ଦ୍ଧା ଅଫିସ,୧୭।୧୨**

ଓଡିଶା ରାଜ୍ୟ ଭାରତ ସ୍କାଉଟ୍‌ସ୍ ଏବଂ ଗାଇଡସ୍ ସଙ୍ଗଠନ ଦ୍ୱାରା ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଚାଲୁ ରହିଛି ଜାତୀୟ ରୋଭର ରେଞ୍ଜର ସମାବେଶ। ଜାନୁୟାରୀରେ ହେବାକୁ ଥିବା ଜାତୀୟ ମତଦାତା ଦିବସ ଉପରେ ସୋମବାର ଅପରାହ୍ନ ୪ଟାରେ ଆଲୋଚନା ହୋଇଥିଲା। ଆଲୋଚନାରେ ରାଜ୍ୟ ଯୁଗ୍ମ ନିର୍ବାଚନ ଅଧିକାରୀ ରଘୁରାମ ଆୟାର ଓ ଶତ୍ରୁଘ୍ନ କର ଯୋଗଦେଇ ଭୋଟ ଦେବାର ଅଧିକାର ଉପରେ ରୋଭର ରେଞ୍ଜରମାନେ ମତଦାତା ଦିବସରେ ସଚେତନତାର ବାର୍ତ୍ତା ବାଣ୍ଟିବାକୁ କହିଥିଲେ। ସନ୍ଧ୍ୟାରେ କଳାକାରମାନେ ସାଂସ୍କୃତିକ ଆସରରେ ନିଜର କଳାକୃତି ଉପସ୍ଥାପନ କରିଥିଲେ। ଏଥିରେ ମୁଖ୍ୟଅତିଥି ରୂପେ ଉଚ୍ଚ ଶିକ୍ଷାମନ୍ତ୍ରୀ ଅନନ୍ତ ଦାସ, ସମ୍ମାନିତ ଅତିଥି ରୂପେ ମୁଖ୍ୟ ବନ ସଂରକ୍ଷକ ଦେବବ୍ରତ ସ୍ୱାଇଁ, ଶ୍ରମିକ କଲ୍ୟାଣ ବିଭାଗର କମିଶନର ମଞ୍ଜୁବାଳା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ସକାଳେ ୨ଟି ପର୍ଯ୍ୟାୟରେ ୩୫୦ ରୋଭର ରେଞ୍ଜର ବରୁଣେଇ ପାହାଡକୁ ଚଢ଼ିଥିଲେ। ଏହି ପର୍ବତାରୋହଣ କାର୍ଯ୍ୟକ୍ରମକୁ କୁନ୍ଦନ ଲାଲ ଓ ପୂର୍ବାଞ୍ଚଳ ସ୍କାଉଟ୍ ସଙ୍ଗଠନ କମିଶନର ବବୁଲ୍ ଗୋସ୍ୱାମୀ ଉଦ୍‌ଘାଟନ କରିଥିଲେ। ଏଥିରେ ଶାନ୍ତିର ବାର୍ତ୍ତା ବାହାକ, ସର୍ଫ ସ୍ମାର୍ଟ, ଫ୍ରିବିଙ୍ଗ୍ ମିରେ ଆଡ୍‌ଭୋକେସି କାର୍ଯ୍ୟକ୍ରମ ଦେଖାଇଥିଲେ। ସେହିପରି ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦଳର ଯବାନମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ଯନ୍ତ୍ରପାତିଗୁଡିକ ବିଷୟରେ ରୋଭର ରେଞ୍ଜରଙ୍କୁ ଶିକ୍ଷାଦାନ କରାଯାଇଛି।



ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦଳର ଯବାନ ମାନଙ୍କ ଦ୍ୱାରା ପ୍ରଦର୍ଶିତ ବିଭିନ୍ନ ଯନ୍ତ୍ରପାତି।

## ୩ ପଞ୍ଚାୟତରେ ପିଠା କାର୍ଯ୍ୟକ୍ରମ

**କୃଷ୍ଣପ୍ରସାଦ,୧୭।୧୨(ଡି.ଏନ.ଏ.)**

କୃଷ୍ଣପ୍ରସାଦ ବ୍ଲକର ୩ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ପିଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚିଲିକା, ନୂଆପଡା ପଞ୍ଚାୟତ ପରିସରରେ ସରପଞ୍ଚ ମମତାମୟୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ସମିତି ସଭ୍ୟ ଉତ୍ତମ କୁମାର ତରେଇ, ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ପ୍ରସନ୍ନ କୁମାର ସ୍ୱାଇଁ, ମହିଳା ଓ ଶିଶୁବିକାଶ ଅଧିକାରିଣୀ ମନୋରମା ଦେବୀ, କନିଷ୍ଠଯନ୍ତ୍ରୀ ପବିତ୍ର କୁମାର ମଲ୍ଲିକ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶ୍ରୀଗୁରୁ ସୌମ୍ୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସିଆଣ୍ଡି ପଞ୍ଚାୟତ ପରିସରରେ ସରପଞ୍ଚ ଅନୀତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ଜିଲା ପରିଷଦ ସଦସ୍ୟା ପ୍ରଭାତୀ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ କୁମାର ବେହେରା, ବ୍ଲକ ବିଜେଡି ମହିଳା ସଭାନେତ୍ରୀ ସ୍ୱପ୍ନାରାଣୀ ତରେଇ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ତିତିପ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ରମେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ କାର୍ଯ୍ୟନିର୍ବାହୀ ଅଧିକାରୀ କେଦାରନାଥ କର ପ୍ରମୁଖ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଏହି ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ । ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ପିଠା ପ୍ରସ୍ତୁତ କରାଯାଇ ବଣ୍ଟାଯାଇଥିଲା ।



ସାରୁଅ ଶିଳ୍ପାଞ୍ଚଳ ଜୟମଙ୍ଗଳ ଗ୍ରାମବାସୀଙ୍କ ପକ୍ଷରୁ ଖୋର୍ଦ୍ଧା-ବଲାଙ୍ଗୀର ରାଜପଥକୁ ଅବରୋଧ କରାଯାଇଛି।

■ ଶିଳ୍ପ ପ୍ରଦୂଷଣର ପ୍ରତିବାଦ ସହ ୭ ଦଫା ଦାବି

## ଜୟମଙ୍ଗଳରେ ରାଜପଥ ଅବରୋଧ

**ଖୋର୍ଦ୍ଧା ଅଫିସ, ୧୭।୧୨**

ଶିଳ୍ପ ପ୍ରଦୂଷଣର ପ୍ରତିବାଦ ସହ ୭ ଦଫା ଦାବି ପୂରଣ ନେଇ ସୋମବାର ପୂର୍ବାହ୍ନ ୯ଟାରୁ ଖୋର୍ଦ୍ଧା ତହସିଲ ଜୟମଙ୍ଗଳଠାରେ ଗ୍ରାମବାସୀ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଖବରପାଇ ଖୋର୍ଦ୍ଧା ଉପଜିଲାପାଳ ସରୋଜ ସାହୁ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ପରେ ପୂର୍ବାହ୍ନ ୧୧ଟାରେ ରାସ୍ତା ଅବରୋଧ ହଟିଥିଲା।
ମିଳିଥିବା ଅଭିଯୋଗ ଅନୁସାରେ, ସାରୁଅ ଶିଳ୍ପାଞ୍ଚଳ ଜୟମଙ୍ଗଳ ବାସିନ୍ଦାଙ୍କ ପାଇଁ ବିପଦ ପାଲଟିଛି। ଶିଳ୍ପ ବଢୁଥିବାରୁ ଜୟମଙ୍ଗଳ ଗାଁର ମାଟି, ପାଣି, ପବନ, ବାୟୁ ପ୍ରଦୂଷିତ ହୋଇ ବିଭିନ୍ନ ପ୍ରକାରର ରୋଗ ହେଉଛି। ପ୍ରତିବାଦ କରିବାରୁ ଗାଁରେ ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ଭୟଭୀତ କରାଯାଉଛି। ବୋମା ପକାଇ ଓ ଫାଙ୍କା ଗୁଳିଚାଳନା କରି ଲୋକଙ୍କୁ ଧମକଚମକ ଦିଆଯାଉଛି। ଏଭଳିସ୍ଥଳେ ଶାନ୍ତିରେ ଜୀବନଯାପନ କରିବାକୁ ସ୍ଥାନୀୟ ବାସିନ୍ଦା ବିଭିନ୍ନ ସମୟରେ ଶିଳ୍ପ ବିରୋଧୀ ସମାବେଶରେ ଏକାଠି ହୋଇ ଆନ୍ଦୋଳନ କରିଛନ୍ତି। ଏଭଳିସ୍ଥଳେ ଜୟମଙ୍ଗଳ ନିକଟସ୍ଥ ସାରୁଅ ଶିଳ୍ପାଞ୍ଚଳରୁ ନିର୍ଗତ ପ୍ରଦୂଷଣ ସୃଷ୍ଟିକାରୀ ଉପାଦାନ ବନ୍ଦ ବ୍ୟବସ୍ଥା ସହ ଜୟମଙ୍ଗଳ ମୌଜାରେ ଇଡ୍‌କୋ କରୁଥିବା ଶିଳ୍ପସଂସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବାର ଦାବି ରହିଛି। ସେହିପରି ଚାଷଜମିକୁ ରାସ୍ତା ଓ ଜଳଯୋଗାଣର ସୁବନ୍ଦୋବସ୍ତ କରିବା, ଗ୍ରାମର ଗୋଚର ଜମି ଓ ଶ୍ମଶାନକୁ ରକ୍ଷା କରିବାର ଅନୁରୂପ ଦାବି ରହିଛି। ଅନ୍ୟପକ୍ଷେ ଜୟମଙ୍ଗଳର ପ୍ରତି ପରିବାରକୁ ୧୦୦ ଡେସିମିଲ ଜମି ଯୋଗାଇବା, ଗ୍ରାମ୍ୟ ଓ କାଜୁ ଜଙ୍ଗଲକୁ ନ କାଟି ସୁରକ୍ଷା ଦେବାର ବ୍ୟବସ୍ଥା, ଯୁବକମାନଙ୍କ ପାଇଁ ଏକ ଖେଳପଡିଆ ଯୋଗାଇ ଦେବାର ଦାବିରେ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ସୁରେଶ ରାଉତରାୟଙ୍କ ନେତୃତ୍ୱରେ ରାଜପଥ ଅବରୋଧ କରାଯାଇଥିଲା।

## ଜିଲାପାଳଙ୍କ ଜନଶୁଣାଣିରେ ୬୦ ଅଭିଯୋଗ

**ଖୋର୍ଦ୍ଧା ଅଫିସ/ବୋଲଗଡ, ୧୭।୧୨(ଡି.ଏନ.ଏ.)**

ବୋଲଗଡ ବ୍ଲକରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ର, ଅତିରିକ୍ତ ଏସ୍‌ପି ପ୍ରମୋଦ କୁମାର ସାମନ୍ତ, ପିଡି ଡିଆରଡିଏ ସରୋଜ କୁମାର ମିଶ୍ର, ଉପଜିଲାପାଳ ସରୋଜ କୁମାର ସାହୁ, ତହସିଲଦାର ପ୍ରେମାନନ୍ଦ ଚାନ୍ଦ, ବିଡିଓ ମଧୁସୂଦନ ବେହେରା ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ମୋଟରେ ୬୦ ଅଭିଯୋଗରୁ ୪୫ଟି ବ୍ୟକ୍ତିଗତ, ୧୩ଟି ଜମିଜମା ସମ୍ପର୍କିତ ଓ ଅନ୍ୟାନ୍ୟ ୨ଟି ଅଭିଯୋଗ ଶୁଣାଣି କରାଯାଇଥିଲା। ଏହି ଅବସରରେ ୬ ଜଣଙ୍କୁ ୪୩ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି। ଏହି ଶୁଣାଣିରେ ଜିଲାର ସମସ୍ତ ପଦାଧିକାରୀମାନେ ଉପସ୍ଥିତ ଥିଲେ।



ବୋଲଗଡ଼ଠାରେ ସୋମବାର ଅନୁଷ୍ଠିତ ଜନଶୁଣାଣିରେ ଜିଲାପାଳ ଓ ଅନ୍ୟମାନେ।

### ୨୩ ପର୍ଯ୍ୟନ୍ତ ହେବ ଖୋର୍ଦ୍ଧା ମହୋତ୍ସବ

**ଖୋର୍ଦ୍ଧା ଅଫିସ, ୧୭।୧୨**

ଖୋର୍ଦ୍ଧା ଷ୍ଟାଡିୟମଠାରେ ଚାଲୁ ରହିଥିବା ୧୯ ତମ ଖୋର୍ଦ୍ଧା ମହୋତ୍ସବ ଚାଲିଛି। ବର୍ଷା କାରଣରୁ ରବିବାର ସନ୍ଧ୍ୟାରେ କାର୍ଯ୍ୟକ୍ରମ ବନ୍ଦ ରହିଛି। ୨୧ରେ ଶେଷ ହେବାକୁ ଥିବା ମହୋତ୍ସବକୁ ୨୩ ତାରିଖ ପର୍ଯ୍ୟନ୍ତ ଘୁଞ୍ଚାଇ ନିଆଗଲା ବୋଲି ଆୟୋଜକ ନିୟୁ ଥିଙ୍କିଙ୍ଗ ଫୋରମ୍ ସଭାପତି ନରେନ୍ଦ୍ର ପୃଷ୍ଟି ସୂଚନା ଦେଇଛନ୍ତି।

■ ନାବାଳକ ବୁଲି ବୁଲି କିଣୁଛନ୍ତି କବାଡ଼ିଆ ସାମଗ୍ରୀ

## ବେପାରୀ ମାଲାମାଲ, ଅନ୍ଧାରରେ ପିଲାଙ୍କ ଭବିଷ୍ୟତ

**ନିରାକାରପୁର,୧୭।୧୨(ଡି.ଏନ.ଏ.)**



କବାଡ଼ିଆ ସାମଗ୍ରୀ କିଣି ଫେରୁଥିବା ନାବାଳକମାନେ।

ସର୍ବଶିକ୍ଷା ଅଭିଯାନରେ 'ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ' ସ୍ଲୋଗାନ ଦିଆଯାଉଛି। ତେବେ ଖୋର୍ଦ୍ଧା ଜିଲା ଜଙ୍କିଆ ଓ ନିରାକାରପୁର ଥାନା ଅଞ୍ଚଳରେ କବାଡିଆ ବେପାରୀମାନେ ୧୦ରୁ ୧୨ ବର୍ଷର ନାବାଳକଙ୍କୁ ନୂଆ ଦୁଇଚକିଆ ଗାଡ଼ି ଦେଇ ଭଙ୍ଗାରୁଜା କବାଡିଆ ସାମଗ୍ରୀ କିଣିବା କାମରେ ଲଗାଉଥିବା ଅଭିଯୋଗ ହେଉଛି। ଏହି ପିଲାମାନେ ଗାଁ, ସହର, ରାସ୍ତାଘାଟ ଆଦି ବିଭିନ୍ନ ଅଞ୍ଚଳରେ ପ୍ରାୟ ୫୦ରୁ ୧୦୦ କିମି ପର୍ଯ୍ୟନ୍ତ ବୁଲି ବୁଲି କବାଡ଼ିଆ ସାମଗ୍ରୀ କିଣୁଛନ୍ତି। ଏହାଦ୍ୱାରା ପାଠପଢ଼ା ବୟସର ପିଲାମାନଙ୍କ ଭବିଷ୍ୟତ ଅନ୍ଧକାର ଆଡକୁ ଠେଲିହୋଇ ଯାଉଥିବା ବେଳେ ବେପାରୀମାନେ ମାଲାମାଲ୍ ହେଉଛନ୍ତି। ଏଥିପ୍ରତି ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ସମ୍ପ୍ରତି କେତେଜଣ କବାଡିଆ କାମ କରୁଥିବା ନାବାଳକଙ୍କୁ ରାମେଶ୍ୱର ଛକ ନିକଟରେ ଅଟକାଇ ପଚରାଉଚରା କରିବାରୁ ସେମାନେ ଡରିଯାଇ ସିକୋ ଫାଣ୍ଡି ଅନ୍ତର୍ଗତ ନାରଗଦା ଗ୍ରାମରୁ ଆସିଛୁ ବୋଲି କହିଥିଲେ। ଫଟୋ ଉଠାଇଲେ ମାଲିକ ସେମାନଙ୍କୁ ବାହାର କରିଦେବେ ବୋଲି ଡରିଯାଇ କହିଥିଲେ। ତେବେ ପିଲାମାନେ ନିଜ ଇଚ୍ଛାରେ ଆସି କାମ କରୁଛନ୍ତି ବୋଲି କେତେଜଣ କବାଡିଆ ବେପାରୀ କହିଥିଲେ। ଖୋର୍ଦ୍ଧା ଶ୍ରମ ଅଧିକାରୀ ଦିଲୀପ ପାଣିଙ୍କୁ ପଚାରିବାରେ, ଠିକ୍ ଅଛି ଏ ଘଟଣା ନଜରକୁ ଆସିଲେ, ନାବାଳକଙ୍କୁ କବାଡିଆ ବେପାରରେ ଲଗାଇଥିବା ବ୍ୟବସାୟୀଙ୍କ ବିରୋଧରେ ଦୃଢ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

■ ବିପର୍ଯ୍ୟୟଠାରୁ ହାତୀ ପଲଙ୍କ ଦ୍ୱାରା ଅଧିକ କ୍ଷୟକ୍ଷତି

# ହତାଶ ହେଲେଣି ଚାଷୀକୁଳ

**ବେଗୁନିଆ,୧୭।୧୨(ଡି.ଏନ.ଏ.)**

■ଆୟତ୍ତ କରିପାରୁନି ବନ ବିଭାଗ
■୭ ଦିନରେ ୧୧ ହେକ୍ଟର ଫସଲହାନି

ଚନ୍ଦକାରୁ ହାତୀ ଆସି ୫ ବର୍ଷ ହେଲା ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଗ୍ରାମାଞ୍ଚଳରେ ଥିବା କେତେକ ଜଙ୍ଗଲରେ ବଂଶ ବିସ୍ତାର କଲେଣି। ଏପରି କି ସେମାନେ ସିକୋ ଗ୍ରାମର ପୂର୍ଣ୍ଣମାସୀ ଜଙ୍ଗଲ, ଜାମୁସାହି କାଜୁ ବଗିଚା ଓ ଡଙ୍ଗରପଡାସ୍ଥିତ କାଳଚୁଆ ପାହାଡ ଉହାଡକୁ ଆଶ୍ରୟ ସ୍ଥଳ ଭାବେ ବାଛି ନେଇଛନ୍ତି। ହାତୀପଲ ମଧ୍ୟରେ ୭ଟି ମାଈ ହାତୀ ରହିଥିବା ବେଳେ ୫ଟି ଦନ୍ତା ରହିଛନ୍ତି। ଏମାନଙ୍କ ମଧ୍ୟରୁ ୨ଟି ହାତୀ ଅନେକ ସମୟରେ ଉନ୍ମତ୍ତ ହୋଇ ଜନବସତି ଆଡକୁ ପଶି ଆତଙ୍କ ଖେଳାଉଛନ୍ତି। ଅନ୍ୟ ସମୟରେ ଲୋକଙ୍କ ଘରୋଇ ଉପକରଣ ନଷ୍ଟ କରିବା ସାଙ୍ଗକୁ ଚାଷୀମାନଙ୍କ ଫସଲହାନି କରି ପକାଉଛନ୍ତି। ଏ କ୍ଷେତ୍ରରେ ୭ ଦିନ ମଧ୍ୟରେ ହାତୀପଲ ପ୍ରାୟ ୧୧ ହେକ୍ଟର ଧାନ ଫସଲ ଉଜାଡି ଦେଇଥିବା କେତେଜଣ ଚାଷୀ ଖୋର୍ଦ୍ଧା ରେଞ୍ଜରଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ବିଶେଷକରି ସେମାନଙ୍କ ଅଭିଯୋଗ ହେଲା, ଦୀର୍ଘବର୍ଷ ହେଲା ହାତୀ ଆସି ବ୍ଲକର ଡଙ୍ଗରପଡା, ଗୋଡା, ଦଳକ, ଦେଉଳୀ, ଜାମୁସାହି, ହଜ, ସିକୋ, ନାରଗୋଦା ଓ ଖଡିପଦର ଆଦି ଗ୍ରାମାଞ୍ଚଳରେ ବସବାସ କରୁଛନ୍ତି। ହେଲେ ସେମାନଙ୍କୁ ଆୟତ୍ତ କରିପାରୁନି ବନ ବିଭାଗ। ବିଭାଗ ପକ୍ଷରୁ କର୍ମଚାରୀମାନେ ହାତୀ ଘଉଡାଇବାକୁ ନାମକୁ ମାତ୍ର ଆସୁଛନ୍ତି। ହେଲେ ଉନ୍ମତ୍ତ ହାତୀପଲକୁ ଦେଖି ଭୟରେ ପଳାଉଛନ୍ତି। ପ୍ରକାଶଥାଉ କି, ୨୦୧୨ ମସିହାରୁ କ୍ରମାଗତ ବ୍ଲକର ଚାଷୀମାନଙ୍କ ପାଇଁ ପ୍ରାକୃତିକ ବିପର୍ଯ୍ୟୟ ଦାଉ ସାଧୁଛି। ଏଥିସହ ରୋଗପୋକ, ଅଦିନିଆ ବର୍ଷା ଯୋଗୁ ବ୍ୟାପକ ଧାନ ଓ ଅଣଧାନ ଫସଲହାନି ହୋଇଛି। ଏହାକୁ ରୋକିବାକୁ ସରକାରଙ୍କ ପକ୍ଷରୁ ସଫେଇ ଦିଆଯାଉଛି ଯେ, ପ୍ରାକୃତିକ ବିପର୍ଯ୍ୟୟକୁ ଏଡାଇବା ଅସମ୍ଭବ। ହେଲେ ଦୀର୍ଘବର୍ଷ ହେଲା ହାତୀ ଆସି ବ୍ଲକରେ ପ୍ରତ୍ୟେକ ବର୍ଷ ହେକ୍ଟର ହେକ୍ଟର ଧାନ ଓ ପରିବା ଫସଲ ଉଜାଡି ପକାଉଛନ୍ତି। ମାତ୍ର ହାତୀକୁ ରୋକିବାରେ ସରକାର, ବନ ବିଭାଗ ବିଫଳ ହେବା ଚାଷୀମାନଙ୍କୁ ହତାଶ କରିଛି। ଅନ୍ୟପକ୍ଷରେ ଚାଷୀଙ୍କ ଫସଲହାନି ଯୋଗୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି। ହେଲେ ତାହା ସମୁଦ୍ରକୁ ଶଙ୍ଖେ ବୋଲି ଚାଷୀମାନେ ଅଭିଯୋଗ ଉଠାଉଛନ୍ତି। ପରିଶ୍ରମ କରି ଚାଷୀ ଫସଲରୁ ଯେତିକି ପାଇଥାଏ, ସେଥିମଧ୍ୟରୁ ଏବେ ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ ହାତୀ କାଳ ସାଜୁଛନ୍ତି। ଏ ସଂକ୍ରାନ୍ତରେ ବେଗୁନିଆ ଫରେଷ୍ଟର ଅନୀତା ପଟ୍ଟନାୟକ କୁହନ୍ତି, ହାତୀପଲ ଆସି ଚାଷୀମାନଙ୍କ ଫସଲହାନି କରୁଥିବା ଖବରପାଇ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଜାରି ରହିଛି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଫରେଷ୍ଟରଙ୍କ କାର୍ଯ୍ୟାଳୟରୁ ଏକର ପିଛା ୧୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯାଉଛି।

